## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ବସ୍ତା, ୨୮।୨(ଡି.ଏନ.ଏ.): ବସ୍ତା ବ୍ଲକର ଇଡଦା ଅନ୍ତର୍ଗତ ଗମ୍ଭାଲୁଣ୍ଡି ଗ୍ରାମରେ ନେହେରୁ ଯୁବକେନ୍ଦ୍ର ବାଲେଶ୍ୱର ଶାଖା ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଚାଲିଥିବା ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୌଡ଼, ଫୁଟବଲ, ଭଲିବଲ, ଶଟ୍‌ପୁଟ ଆଦି ବିଭିନ୍ନ ଖେଳ ବାଳିକାବାଳକମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳର ଯୁବ ପ୍ରତିଭାର ବିକାଶ ନିମନ୍ତେ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଜ୍ୟୋତ୍ସ୍ନାରାଣୀ ଦଳାଇ, ସସ୍ମିତା ଜେନା, ସଙ୍ଗଠନର ସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ହିମାଂଶୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜାମଶୂଳି ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ଭାଗୀରଥି ପ୍ରଧାନ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଦେବୀପ୍ରସାଦ ଭଞ୍ଜ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୋଗ୍ୟ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

### ସଚେତନତା ଶିବିର

ବାଲେଶ୍ୱର ଅଫିସ, ୨୮।୨: ବାଲେଶ୍ୱର ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ମୋଡିଫାଏଡ କ୍ଲେମ୍ ଟ୍ରିବ୍ୟୁନାଲ୍ ଏଗ୍ରିଡ୍ ପ୍ରୋସିଜ୍ୟୁର୍ ସମ୍ବନ୍ଧିତ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ, ବାଲେଶ୍ୱର ନିଶିତ ନିଶାଙ୍କ ଅଧ୍ୟକ୍ଷତା କରି ମୋଟର ଦୁର୍ଘଟଣାରେ ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାରେ ଉପାଦେୟ ହୋଇପାରିବ ଏବଂ ଅଦାଲତଗୁଡିକର ମକଦ୍ଦମାର ବୋଝ କମାଇବାରେ ସହାୟକ ହୋଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ଶିବିରକୁ ପରିଚାଳନା କରିବା ସହିତ ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ରାୟକୁ ବ୍ୟାଖ୍ୟା କରିଥିଲେ। ଜିଲା ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ଓପିଆଇଡି. ଜଜ୍ ହରପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲା ଜଜ୍-୦୩ ସୋନାଲି ପଟ୍ଟନାୟକ, ବାଲେଶ୍ୱର ଅତିରିକ୍ତ ଜିଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା ବକ୍ତବ୍ୟ ରଖିଥିଲେ।

# ବିଏଡ୍ କଲେଜ ବନ୍ଦ ହେବା ଆଶଙ୍କା

ବାଲେଶ୍ୱର ଅଫିସ,୨୮।୨

ବାଲେଶ୍ୱର ସହରର ଜିଲା ସ୍କୁଲ ନିକଟସ୍ଥ ୧୯୭୭ ମସିହାରୁ ଚାଲିଥିବା ବିଏଡ୍ କଲେଜ ବନ୍ଦ ହେବା ନେଇ ଆଶଙ୍କା ଦେଖାଦେଇଛି। ଜିଲାରେ ଥିବା ଏକମାତ୍ର

**ସ୍ୱୀକୃତି ପ୍ରତ୍ୟାହାର ପାଇଁ ଏନସିଟିଇ ବିଜ୍ଞପ୍ତି ପ୍ରକାଶ**

ଶିକ୍ଷକ ତିଆରି କାରଖାନାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ତଥା କର୍ମଚାରୀଙ୍କ ଅଭାବ କାରଣରୁ ସେକଶନ ୧୭(୧) ନ୍ୟାଶନାଲ କାଉନସିଲ ଫର ଟିଚର୍ସ ଏଜୁକେଶନ(ଏନସିଟିଇ) ଆକ୍ଟ ୧୯୯୩ ଅନୁଯାୟୀ ୨୦୨୦-୨୧ ଶିକ୍ଷା ବର୍ଷଠାରୁ ସ୍ୱୀକୃତି ପ୍ରତ୍ୟାହାର କରିନେବା ପାଇଁ ଏନସିଟିଇ ନିଜର ଅଫିସିଆଲ ସାଇଟ୍‌ରେ ବିଜ୍ଞପ୍ତି ପ୍ରକାଶ କରିଛି। ଫଳରେ ଚଳିତ ଶିକ୍ଷାବର୍ଷରୁ ଆଉ ଏହି କଲେଜରେ ବିଏଡ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଯାଇପାରିବ ନାହିଁ।

ପୂର୍ବରୁ ଓଡ଼ିଶାର ପ୍ରାୟ ୫ଟି ବିଏଡ୍ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର କରି ନିଆଯାଇଥିଲା। ଚଳିତବର୍ଷ ଜାନୁୟାରୀ ୧୬ତାରିଖରୁ ୧୮ ତାରିଖ ମଧ୍ୟରେ ଏନସିଟିଇର ଇଷ୍ଟର୍ନ ରିଜିୟନ କମିଟି (ଇଆରସି) ପକ୍ଷରୁ ହୋଇଥିବା ୨୭୮ତମ ବୈଠକରେ ଏନସିଟିଇ ସଦସ୍ୟଙ୍କ ସମେତ ଓଡ଼ିଶା, ଆସାମ, ଅରୁଣାଚଳପ୍ରଦେଶ, ସିକିମ, ନାଗାଲାଣ୍ଡ ଆଦି ରାଜ୍ୟରୁ ଶିକ୍ଷା ବିଭାଗର ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ବିଏଡ୍ କଲେଜଗୁଡିକର ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ଭିତ୍ତିଭୂମିର ଅଭାବ ତଥା ଶିକ୍ଷକଙ୍କ ଅଭାବ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫଳରେ ଶିକ୍ଷକ ତଥା ଭିତ୍ତିଭୂମିରେ ଅଭାବ ଥିବା ଅନୁଷ୍ଠାନଗୁଡ଼ିକରୁ ସ୍ୱୀକୃତି ପ୍ରତ୍ୟାହାର କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ, ଆସାମ, ନାଗାଲାଣ୍ଡ, ବିହାର, ଅରୁଣାଚଳପ୍ରଦେଶ ଓ ବିହାର ସମେତ ଓଡ଼ିଶାର ବିଏଡ୍ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଏନସିଟିଇ ନିଜର ସ୍ୱୀକୃତି ପ୍ରତ୍ୟାହାର କରିଛି। ତେବେ ଓଡ଼ିଶାର ବାଲେଶ୍ୱର ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି, କଟକ, ସମ୍ବଲପୁର, ପୁରୀ ଆଦି ଅନେକ ଜିଲାର ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟଗୁଡ଼ିକରୁ ମଧ୍ୟ ଏନସିଟିଇ ସ୍ୱୀକୃତି ପ୍ରତ୍ୟାହାର କରିନେଇଥିବା ସୂଚନା ମିଳିଛି। ତେବେ ରାଜ୍ୟର ପ୍ରାୟ ୯୦ପ୍ରତିଶତ ଅନୁଷ୍ଠାନକୁ ଏନସିଟିଇ ଆଗାମୀ ଶିକ୍ଷାବର୍ଷରୁ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ବନ୍ଦ କରିଥିବା ବେଳେ ପିଲାମାନେ କିପରି ବିଏଡ୍ ଶିକ୍ଷାଗ୍ରହଣ କରିବେ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ବାଲେଶ୍ୱର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟକୁ ମଧ୍ୟ ସମାନ ନୋଟିସ ମିଳିଛି। ୨୦୧୯ ସେପ୍ଟେମ୍ବରରେ ଏନ୍‌ସିଟିଇ ପକ୍ଷରୁ ବାଲେଶ୍ୱର ବିଏଡ୍ କଲେଜର କାଗଜପତ୍ର ସହିତ ନିଯୁକ୍ତ ଥିବା ଶିକ୍ଷକଙ୍କ ସମ୍ପର୍କରେ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। କଲେଜ କର୍ତ୍ତୃପକ୍ଷ ମଧ୍ୟ ନିଜର ଆବଶ୍ୟକ କାଗଜପତ୍ର ଏନସିଟିଇକୁ ପ୍ରଦାନ କରିଥିଲେ।ଏନସିଟିଇର ନିୟମ ଅନୁଯାୟୀ, ବିଏଡ୍ କଲେଜରେ ୫୦ଜଣ (୧ ୟୁନିଟ) ଛାତ୍ରୀଛାତ୍ରଙ୍କ ପାଇଁ ଅଧ୍ୟକ୍ଷଙ୍କୁ ମିଶାଇ ଅନ୍ୟୂନ ୮ଜଣ ଅଧ୍ୟାପକ ଆବଶ୍ୟକ। କଲେଜ ପାଇଁ ମୋଟ୍ ୧୭ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ଅଧ୍ୟକ୍ଷ ଏବଂ ଜଣେ ପ୍ରଫେସରଙ୍କୁ ମିଶାଇ ମୋଟ୍ ଦୁଇଜଣ ସ୍ଥାୟୀ କର୍ମଚାରୀ ସହ ୫ଜଣ ଅତିଥି ଶିକ୍ଷକ ନିଯୁକ୍ତ ଅଛନ୍ତି।

ଏ ସମ୍ପର୍କରେ ବାଲେଶ୍ୱର ବିଏଡ୍ କଲେଜ ଅଧ୍ୟକ୍ଷ ଡ. ହରେକୃଷ୍ଣ ସାହୁ କହିଛନ୍ତି, ଏନସିଟିଇର ଅଫିସିଆଲ ସାଇଟ୍‌ରେ ଉପଲବ୍ଧ ହୋଇଥିବା ଜାଣିଛୁ କିନ୍ତୁ କୌଣସି ଲିଖିତ ନିର୍ଦ୍ଦେଶ ମିଳିନାହିଁ। ତେବେ ସରକାର କ'ଣ ନିଷ୍ପତ୍ତି ନେବେ ତାହାକୁ ଅପେକ୍ଷା କରାଯାଉଛି।




ବାଲେଶ୍ୱର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ।



ଖବରଦାତା ସମ୍ମିଳନୀରେ ୫ ଡକାୟତଙ୍କ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

# ୫ ହାଇୱେ ଡକାୟତ ଗିରଫ

ବାହାନଗା, ୨୮।୨(ଡି.ଏନ.ଏ.)

**ଅଣ୍ଡା ବୋଝେଇ ପିକ୍‌ଅପ ଅପହରଣ ଘଟଣା**

**୪ ଗାଡ଼ି ଜବତ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣାସ୍ଥିତ ୧୬ନମ୍ବର ଜାତୀୟ ରାଜପଥରୁ ଚଳିତ ମାସରେ ଏକ ଅଣ୍ଡା ବୋଝେଇ ପିକଅପକୁ ଅପହରଣ କରିନିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୫ଜଣ ହାଇୱେ ଡକାୟତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ୪ଟି ଗାଡି ଜବତ ହୋଇଛି।

ଗତ ୧୮ତାରିଖରେ ଖନ୍ତାପଡା ଥାନା ୧୬ନମ୍ବର ଜାତୀୟ ରାଜପଥ ପଣପଣାଠାରେ ଏକ ପିକ୍‌ଅପ୍‌ରେ ୧୬୦ କାର୍ଟୁନ ଅଣ୍ଡା ବୋଝେଇ ହୋଇ ଢେଙ୍କାନାଳରୁ ବାଲେଶ୍ୱରକୁ ଆସୁଥିଲା। ୫ଜଣ ଯୁବକ ଗାଡିକୁ ଅଟକାଇ ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ବାନ୍ଧି ପିକଅପ୍‌କୁ ଅପହରଣ କରିନେଇଥିଲେ। ତେବେ ଅଣ୍ଡା ମାଲିକ ଗାଡି ନ ପାଇ ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୬୪/୨୦୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ପୋଲିସକୁ ବଡଧରଣର ସୁରାକ୍ ମିଳିଥିଲା। ଗାଡି ଅପହରଣରେ ୮ ଜଣ ସମ୍ପୃକ୍ତ ଥିବା ଜଣାପଡିଥିଲା। ଏନେଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା, ଖନ୍ତାପଡା ଥାନା, ଶିମ୍ଳାଞ୍ଚଳ ଥାନାଧିକାରୀଙ୍କୁ ନେଇ ପୃଥକ ଭାବେ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଏସ୍‌ଡିପିଓ ପ୍ରଭାସ ପାଲ ମଧ୍ୟ ସାମିଲ ହୋଇ ତଦନ୍ତ କରୁଥିଲେ। ତଦନ୍ତରୁ ଜଣାପଡିଥିଲା ଯେ, ଅଶୋକ ଲିଲନ୍ ପିକ୍‌ଅପ ଭ୍ୟାନକୁ ଅପହରଣ କରିବା ସହିତ ଯୁବକମାନେ ଡକାୟତ କରି ଟଙ୍କା ଲୁଟ୍ କରନ୍ତି। ତେବେ ୩ଟି ଥାନାରେ ସେମାନଙ୍କ ନାମରେ ୫ଟି ମାମଲା ରୁଜୁ ଥିବା ବେଳେ କେବଳ ଖନ୍ତାପଡା ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଗିରଫ ଡକାୟତମାନେ ହେଲେ ଭବତୋଷ ପରିଡା, କୁନାଲ ତ୍ରିପାଠୀ, ସେକ୍ ରାଜା, ସେକ୍ ଜାଭିର, ମାନସ ବେହେରା ବୋଲି ସଦର ଏସ୍‌ଡିପିଓ ପ୍ରଭାସ ପାଲ ଓ ଖନ୍ତାପଡା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡା ଖବରଦାତା ସମ୍ମିଳନୀ କରି ପ୍ରକାଶ କରିଛନ୍ତି। ଅନ୍ୟ ୩ଜଣ ଅଭିଯୁକ୍ତମାନେ ଫେରାର ଅଛନ୍ତି।



ମାର୍କୋଣା ଷ୍ଟେଶନ ବଜାର କରତକଳରେ ବନବିଭାଗର ଚଢ଼ାଉ।

# ଯନ୍ତ୍ରାଂଶ, କାଠକୁ ଛଡ଼ାଇନେଲେ ଲୋକେ

ସିମୁଳିଆ, ୨୮।୨(ଡି.ଏନ.ଏ.)

**ବନ ବିଭାଗର କରତକଳ ଉପରେ ଚଢ଼ାଉ**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମାର୍କୋଣା ଷ୍ଟେଶନ ବଜାର ନିକଟରେ ଥିବା ଏକ କରତକଳ ଉପରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇଛି। ମାଜିଷ୍ଟ୍ରେଟ ରୂପେ ସଦର ବ୍ଲକ ଅତିରିକ୍ତ ତହସିଲଦାର ଶତ୍ରୁଘ୍ନ ସେଠୀଙ୍କ, ବନ ବିଭାଗୀୟ ଅଧିକାରୀ ସମୀର କୁମାର ସାହୁ, ଚାନ୍ଦିପୁର ଓ ନୀଳଗିରି ରେଞ୍ଜରଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ, ସିମୁଳିଆ ପୋଲିସ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ଗ୍ୟାସ୍ କଟର ସହାୟତାରେ କରତକଳର ବିଭିନ୍ନ ଯନ୍ତ୍ରାଂଶ ଓ କାଠଗଣ୍ଡି ଜବତ କରି ଗାଡିରେ ବୋଝେଇ କରିଥିଲେ। ଅପରାହ୍ନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିଥିଲା। ପରେ ସ୍ଥାନୀୟ ମହିଳା ଓ ଜନସାଧାରଣ ପହଞ୍ଚି ଜବତ କାଠ ଓ ଯନ୍ତ୍ରାଂଶଗୁଡିକୁ ଜବରଦସ୍ତ ଗାଡିରୁ ଓହ୍ଲାଇ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ଚଢାଉ ପ୍ରହସନ ବୋଲି ଲୋକେ କହିଥିଲେ। ବାରମ୍ବାର ବିଭିନ୍ନ କରତକଳ ଉପରେ ଚଢାଉ କରାଯାଉଥିଲେ ହେଁ ୨ରୁ ୩ ଦିନ ମଧ୍ୟରେ ଏହି କରତ କଳଗୁଡିକ ପୁଣି କିପରି ଚାଲୁଛି, ଯଦି ସରକାରଙ୍କ ନିୟମ ନାହିଁ ତେବେ ରାଜ୍ୟ ସାରା କରତ କଳଗୁଡିକ ବନ୍ଦ କରିଦିଆଯାଉ ବୋଲି ଜନସାଧାରଣ ଦାବି କରିଥିଲେ। ଜନସାଧାରଣ ନିଜର ଆବଶ୍ୟକ ମୁତାବକ କାଠ ଓ ପଟା କାଟୁଥିବା ବେଳେ ବିଭାଗୀୟ ଚଢାଉ କରି ଲୋକମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ବିଭାଗୀୟ ଅଧିକାରୀମାନେ ଉପରିସ୍ଥ ଅଧିକାରୀଙ୍କ ଫୋନ ପାଇ ନିରାଶରେ ଫେରିଯାଇଥିଲେ।

# ନିୟମିତ ଶିକ୍ଷକ ନିଯୁକ୍ତିପତ୍ର ମେଳା

ସୋର, ୨୮।୨(ଡି.ଏନ୍.ଏ.): ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଶିକ୍ଷକ ଭବନ ପରିସରରେ ସୋର ଓ ବାହାନଗା ବ୍ଲକ ଅନ୍ତର୍ଗତ ୨୦୧୨ କ୍ୟାଡର କନିଷ୍ଠ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତିପତ୍ର ପ୍ରଦାନ କରାଯିବା ଅବସରରେ ଏକ ଦିନିକିଆ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏବିଇଓ କାଳନ୍ଦୀ ଚରଣ ପଲେଇଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ ସୋର ବ୍ଲକର ୩୯ ଓ ବାହାନଗା ବ୍ଲକର ୨୬ ଜଣ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତିପତ୍ର ପ୍ରଦାନ କରି ଶିକ୍ଷା ହିଁ ଗୋଟିଏ ଜାତି ଗଢ଼ିବାର ମୁଖ୍ୟ ସମ୍ବଳ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି, ଅନ୍ୟତମ ଅତିଥି ଭାବେ ଏବିଇଓ ତଥା ବିଆରସିସି ପ୍ରଦୀପ କୁମାର ସାହୁ, ଏବିଇଓ ରୋହିଆ ଗୁରୁ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବିଦ୍ୟାଧର ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଚୋରମରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବସ୍ତା, ୨୮।୨(ଡି.ଏନ.ଏ.)

ବସ୍ତା ବ୍ଲକ ଅନ୍ତର୍ଗତ ଚୋରମରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ମାର୍କ ଦୌଡରେ ସାମିଲ ନ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡିଶା ପ୍ରାଇଭର ସଭାପତି ମାନସ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ନବ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚୋରମରା ସରପଞ୍ଚ ପରିତୋଷ କମିଳା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସେକ ମୁସଲିମ ଯୋଗଦେଇ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୋରମରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହଲାଦ ବାରିକ, ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜା ସିଂ, ଅବସରପ୍ରାପ୍ତ ସୈନିକ ରତ୍ନାକର ହାସଁଦା, ସମାଜସେବୀ ପ୍ରଭାକର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ସଭା ଆରମ୍ଭ କରାଯିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ୬ କେଜିର ଚିନି ଆଳୁ

ସୋର, ୨୮।୨(ଡି.ଏନ୍.ଏ.)

ସୋର ସହର ଅଧୀନ ମୂଳେଶ୍ୱର ପାଇକ ସାହିର କୃଷ୍ଣଗୋପାଳ ପାତ୍ର ଜଣେ ନାମମାତ୍ର ଉଦ୍ୟାନ ଚାଷୀ। ନିଜ ପୈତୃକ ଘରବାଡିରେ ଉଦ୍ୟାନ ଚାଷ କରି ପରିବାର ଗୁଜରାଣ ମେଣ୍ଟାଉଛନ୍ତି। ସେ ସୁପରି ଚାଷ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଚିନି ଆଳୁ ଚାଷ କେଇ ବର୍ଷ ପୂର୍ବେ ଆରମ୍ଭ କରି ବେଶ୍ ସଫଳ ହୋଇଛନ୍ତି। ଏଥର ସେ ଚିନି ଆଳୁ ଚାଷ କରି ବେଶ୍ ଦୁଇ ପଇସା ରୋଜଗାର କରିଛନ୍ତି। ସେ ଅମଳ କରିଥିବା ଗୋଟିଏ ଆଳୁ ୬ କେଜିରୁ ଊର୍ଦ୍ଧ୍ୱ ହେବ। ଚିନି ଆଳୁ କିଲୋ ପିଛା ୫୦ ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଗୋଟିଏ ଆଳୁର ମୂଲ୍ୟ ୩ଶହ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଆଳୁ ଦେଖିବାକୁ ସ୍ଥାନୀୟ ଲୋକଙ୍କର ଭିଡ ଜମୁଛି। ବର୍ଷକୁ ୫ଶହରୁ ୭ଶହଟି ସପୁରୀ ଗୋଟା ପିଛା ୫୦ରୁ ୬୦ ଟଙ୍କା ବିକ୍ରୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏଥିସହ ଅନ୍ୟ ପନିପରିବା ମଧ୍ୟ କରୁଛନ୍ତି। ସ୍ତ୍ରୀ ସତ୍ୟଭାମାଙ୍କ ସହଯୋଗରେ ପ୍ରାୟ ଏକ ଏକର ପରିମିତ ଏହି ଘର ବାଡିରେ ଉଦ୍ୟାନ ଚାଷ କରି ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। ଉଦ୍ୟାନ ବିଭାଗର ପରାମର୍ଶ ମିଳିପାରିଲେ ସେ ଏହି ଚାଷରୁ ଅଧିକ ରୋଜଗାର କରିପାରିବେ ବୋଲି କହିଛନ୍ତି।



କୃଷ୍ଣଗୋପାଳ ଚିନି ଆଳୁ ଦେଖାଉଛନ୍ତି।

# ସିଏଏକୁ ନେଇ କଂଗ୍ରେସର ଅସନ୍ତୋଷ

ବାଲେଶ୍ୱର ଅଫିସ, ୨୮।୨

ସିଏଏ ସଚେତନତା ନେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏହି ଅବସରରେ କଂଗ୍ରେସର ନେତାଙ୍କ ପକ୍ଷରୁ ସ୍ଥାନୀୟ ମିଶନ କମ୍ପାଉଣ୍ଡଠାରେ ଅମିତ୍ ଶାହାଙ୍କ ଗସ୍ତକୁ ବିରୋଧ କରି ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ନାଗରିକତା ସଂଶୋଧନ ଆଇନ ସପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀ ଓଡ଼ିଶାରେ ସଚେତନତା କରିବା ଦରକାର ନାହିଁ ବରଂ ଦିଲ୍ଲୀରେ ଦେଖାଯାଇଥିବା ହିଂସାର ବହ୍ନିକୁ ସମ୍ଭାଳିବା ନିମନ୍ତେ ପରାମର୍ଶ ଦେଇଛନ୍ତି।

# ଜାତୀୟ ବିଜ୍ଞାନ ଦିବସ

ଖଇରା,୨୮।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସୁନ୍ଦିରା ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ଡ ତ୍ରିଲୋଚନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ସରପଞ୍ଚ ମଧୁସୂଦନ ଦାସ ମୁଖ୍ୟଅତିଥି, ସିଆରସିସି ଅଶୋକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳିକା ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ସନ୍ତୋଷ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ଦମୟନ୍ତୀ ସେଠୀଙ୍କ ସମେତ ସ୍ଥାନୀୟ ଡାଇମଣ୍ଡ କ୍ଲବ ଓ ମହାତ୍ମାଗାନ୍ଧୀ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଗଡପୋଖରୀ ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପରେଶ ଦକ୍ଷିଣରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୧ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପିଲାଙ୍କ ମଧ୍ୟରେ ବିଜ୍ଞାନ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ଜିଜ୍ଞାଶା ଦକ୍ଷିଣରାୟ, ରଶ୍ମିତା ମହାରନା, ସୁପ୍ରିୟା ରାଉଳ, ରଞ୍ଜନ ପରିଡା, ହରପ୍ରିୟା ସାହୁ, ଆଶୁତୋଷ ସେଠୀ, ଦିନେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କପି କରି ଧରାପଡ଼ିଲେ ୯ ପରୀକ୍ଷାର୍ଥୀ

ବାଲେଶ୍ୱର ଅଫିସ, ୨୮।୨

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ପଞ୍ଚମ ଦିନ ଅର୍ଥାତ ଶୁକ୍ରବାର ବିଜ୍ଞାନ ପରୀକ୍ଷାରେ ୯ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଧରାପଡ଼ିଛନ୍ତି। ଭୋଗରାଇ ବ୍ଲକ ଅଧୀନ ବାରବାଟିଆସ୍ଥିତ ଜନାର୍ଦ୍ଦନ ନୋଡାଲ ପରୀକ୍ଷାକେନ୍ଦ୍ରର ୨, ଦହମୁଣ୍ଡା ହାଇସ୍କୁଲରେ ଜଣେ, ସରସ୍ୱତୀପୁର ଆରଏନ ଏକାଡେମୀର ୩ଜଣ, ଖଇରା ପଳାସପୁର ହାଇସ୍କୁଲର ୨ଜଣ ଓ ରାଇମଣି ହାଇସ୍କୁଲ କୋଠିଆ ବସ୍ତାର ଜଣେ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିବା ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀ ପ୍ରକାଶ କରିଛନ୍ତି।

# ଅବୈଧ ଘୋଷଣା ପାଇଁ ଅଧିକାରୀଙ୍କୁ ଜଣାଇଲେ ଚାଷୀ

ଖଇରା, ୨୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭଦ୍ରକ ସାଳନ୍ଦୀ ଡିଭିଜନ ଖଇରା ସବ-ଡିଭିଜନରେ ମୁରୁଣା ଓ ସାଲୋ ମାଧପୁର ମାଇନରରେ କାର୍ଯ୍ୟରତ ମା' ସାହାଡାଶୁଣି ପାଣି

**ପ୍ରହସନ ପାଲଟିଲା ପାଣି ପଞ୍ଚାୟତ ନିର୍ବାଚନ**

ପଞ୍ଚାୟତ ପାଇଁ ଶୁକ୍ରବାର ନିର୍ବାଚନ ତାରିଖ ଘୋଷଣା କରାଯାଇଥିଲା। ହେଲେ ଚାଷୀମାନେ ପହଞ୍ଚିବା ପୂର୍ବରୁ ନିର୍ବାଚନ ଶେଷ ହୋଇଥିବା ନେଇ ଅଧିକାରୀମାନେ କହିବାରୁ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ନିର୍ବାଚନକୁ ଅବୈଧ ଘୋଷଣା କରିବାକୁ ଚାଷୀମାନେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଖଇରା ବିଡିଓ, ଖଇରା ତହସିଲଦାର ଏବଂ ଖଇରା ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଯଦି ଅଧିକାରୀମାନେ ଚାଷୀଙ୍କ ଦାବିକୁ ଗୁରୁତ୍ୱ ନ ଦିଅନ୍ତି ତେବେ ଉଚ୍ଚ ଅଦାଲତରେ ଅଶ୍ରୟ ନେବେ ବୋଲି ରମାକାନ୍ତ ସ୍ୱାଇଁ, ମୋହନ ପ୍ରସାଦ ମହାନ୍ତି, ଶରତ କୁମାର ଦାସ, ଅର୍ଜୁନ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ଉକ୍ତ ପାଣି ପଞ୍ଚାୟତ ଅନ୍ତରା, ରପେୟା ଓ ବରଦା ପଞ୍ଚାୟତର ଚାଷୀଙ୍କୁ ନେଇ ଗଠିତ ହୋଇଛି। ଶୁକ୍ରବାର ନିର୍ବାଚନ ପାଇଁ ବିଜ୍ଞାପନ ଦିଆଯାଇଥିଲା। ନିୟମ ଅନୁଯାୟୀ ସମସ୍ତ ବୈଧ ଭୋଟରଙ୍କ ତାଲିକା ବିଭିନ୍ନ ପଞ୍ଚାୟତ ନୋଟିସ ବୋର୍ଡ ଏବଂ ଜଳସେଚନ ବିଭାଗ କାର୍ଯ୍ୟାଳୟ ବୋର୍ଡରେ ଲଗାଯିବା କଥା। ହେଲେ ବୁଧବାର ପର୍ଯ୍ୟନ୍ତ ଚାଷୀମାନଙ୍କୁ ଭୋଟର ତାଲିକା ମିଳି ନ ଥିଲା। ଅନ୍ତରା ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ଚାଷୀମାନେ ଘେରିବା ପରେ ବୁଧବାର ଭୋଟର ତାଲିକା ମିଳିଥିଲା। ୩୬ଟି ପଦବୀ ପାଇଁ ଶୁକ୍ରବାର ସକାଳ ୯ଟାରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ଥିଲା। ଆଗ୍ରହୀ ଚାଷୀ ମନୋନୟନ ପତ୍ର ଦାଖଲ ପାଇଁ ୯ଟା ୩୦ମିନିଟରେ ପହଞ୍ଚିବା ପୂର୍ବରୁ ଜଳସେଚନ ବିଭାଗର ଭିତର ପଟୁ ତାଲା ଦିଆଯାଇଥିଲା। ଚାଷୀମାନେ ଏ ସମ୍ପର୍କରେ ଉପସ୍ଥିତ ଥିବା ନିର୍ବାଚନ ଅଧିକାରୀଙ୍କୁ ଏହାର କାରଣ ପଚାରିବା ପରେ ସମସ୍ତ ପଦବୀ ପାଇଁ ଜଣେ ଲେଖାଏଁ ମନୋନୟନ ପତ୍ର ଦାଖଲ କରିସାରିଛନ୍ତି। ଆଉ ମନୋନୟନପତ୍ର ଦାଖଲ କରାଯାଇପାରିବନାହିଁ ବୋଲି କହିଥିଲେ। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ୫ରୁ ୬ଜଣ ବ୍ୟକ୍ତି ଏସବୁ କାର୍ଯ୍ୟ କରିଥିବାରୁ ଏହି ନିର୍ବାଚନ କେବଳ ଲୋକଦେଖାଣିଆ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ପାଣି ପଞ୍ଚାୟତକୁ ଆସୁଥିବା କୋଟି କୋଟି ଟଙ୍କା ହଡପ କରିବା ପାଇଁ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁଗତଙ୍କୁ ସଭାପତି ଓ ସମ୍ପାଦକ ଭାବେ ଜିତାଇବାକୁ ବିଧିବଦ୍ଧ ଭାବେ ଏଭଳି ଷଡଯନ୍ତ୍ର କରାଯାଇଛି ବୋଲି ଚାଷୀମାନେ କହିଛନ୍ତି। ସମସ୍ତ ଘଟଣା ସିସିଟିଭି ଫୁଟେଜ ଦେଖିଲେ ଅଧିକାରୀମାନେ ଜାଣିପାରିବେ ବୋଲି ଚାଷୀମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁଙ୍କୁ ଯୋଗାଯୋଗ କରିବାରେ ଏ ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିନାହିଁ। ନିର୍ବାଚନ ଠିକ୍ ଭାବେ ହୋଇଥିବା କହିଛନ୍ତି।



ଜଳସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅସନ୍ତୁଷ୍ଟ ଚାଷୀ।

**PARADIP PORT TRUST**

**E-AUCTION NOTICE**

**NO.EM/MM/SCRAP-12-2019/55**

**Dtd. 20.02.2020**

Paradip Port Trust intent to dispose off **Spillage Iron Ore on "as is where is basis"** by e-auction through M/s. MSTC. For details interested bidders may log on to MSTC website **www.mstcindia.co.in/ www.mstcecommerce.com**

**Sr. Dy. Materials Manager**

**PPT/PR/691/19-20 Dt. 28.02.2020**

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMSBP2020015, ତା: 24.02.2020

**କାର୍ଯ୍ୟର ନାମ :** ତାଳଚେର ରୋଡ୍ ଠାରେ ଫ୍ଲାଇ ଓଭର ସହିତ ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ଜରପଡ଼ା ଷ୍ଟେସନ ଠାରୁ ତାଳଚେର ରୋଡ୍ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ତାଳଚେର ରୋଡ୍ ଠାରୁ ତାଳଚେର ଚତୁର୍ଥ ଲାଇନ୍ : ଟ୍ରାକ୍ ସଂଯୋଗ (Linking of Track), ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଅନ୍ତଃସ୍ଥାପନ (Insertion) ଏବଂ ବିଛାଇବା, ଟ୍ରାକର ଆଲୁମିନା ଥର୍ମିକ(AT) ୱେଲ୍ଡିଂ, P.Way ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେଇଯିବା (Leading & Spreading) ଏବଂ ବିଛାଇବା କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ଲିଫ୍ଟିଂ ବାରିଅର (Lifting Barriers)ଗୁଡ଼ିକର ଯୋଗାଣ ଏବଂ ସ୍ଥାପନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 2339.12 ଲକ୍ଷ, EMD (ଟଙ୍କାରେ) : ₹ 13,19,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.03.2020ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପର୍ଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯେଉଁ ମାତ୍ରାରେ 10 ପ୍ରତିଶତରୁ କମ୍ ପ୍ରସ୍ତାବ ଦିଆଯାଇଛି।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-128/CC/19-20

# ବାରିପଦା ଜୋନ୍‌ରେ ୬୫୧୩୮ ପରୀକ୍ଷାର୍ଥୀ

**ବାରିପଦା ଅଫିସ, ୨୮।୨**

ଆସନ୍ତା ୩ ତାରିଖରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ। ୩ ତାରିଖରେ ବିଜ୍ଞାନ ବିଭାଗରେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୪ ତାରିଖରେ କଳା, ବାଣିଜ୍ୟ ଓ ୧୬ ତାରିଖରେ ଧନ୍ଦାମୂଳକ ବିଭାଗର ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ବାରିପଦା ଜୋନ୍ ଅଧୀନରେ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲା ରହିଛି। ଏହି ୪ଟି ଜିଲାର ୩୦୨ଟି ଯୁକ୍ତ ୨ କଲେଜର ୬୫୧୩୮ ଜଣ ପରୀକ୍ଷାର୍ଥୀ ୨୨୩ଟି କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବାରିପଦା ଶାଖା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ୪ଟି ଜିଲା ପାଇଁ ୩୩ଟି ପରୀକ୍ଷା ହବ୍ ସେଣ୍ଟର ହୋଇଛି। ଏହି ହବ୍ ସେଣ୍ଟରରେ ୨୪ ଘଣ୍ଟିଆ କଡାକଡ଼ି ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ରହିବ। ୪ଟି



ବାରିପଦା ଶାଖା କାର୍ଯ୍ୟାଳୟ ।

- ୩ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ
- ଜିଲାର ୭୭ ପରୀକ୍ଷା କେନ୍ଦ୍ରରେ ୨୦୧୬୩ ପରୀକ୍ଷାର୍ଥୀ

ଜିଲାରେ କଳା ବିଭାଗରେ ୪୧୫୬୧, ବିଜ୍ଞାନ ବିଭାଗରେ ୧୭୬୨୯, ବାଣିଜ୍ୟ ବିଭାଗରେ ୪୪୭୬ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୧୪୭୨ ଜଣ ପରୀକ୍ଷା ଦେବେ। ମୟୂରଭଞ୍ଜ ଜିଲାରେ ୯ଟି, ଭଦ୍ରକରେ ୫ଟି, ବାଲେଶ୍ୱରରେ ୧୧ଟି ଓ କେନ୍ଦୁଝରରେ ୮ଟି ହବ୍ ସେଣ୍ଟର ହୋଇଛି। ଜିଲାର ୯୬ଟି କଲେଜର ୨୦୧୬୩ ପରୀକ୍ଷାର୍ଥୀ ୭୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥି ମଧ୍ୟରୁ କଳା ବିଭାଗରେ ୧୩୩୧୦, ବିଜ୍ଞାନରେ ୫୩୪୨, ବାଣିଜ୍ୟରେ ୯୫୨ ଓ ଧନ୍ଦାମୂଳକ ଶିକ୍ଷାରେ ୫୫୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଭଦ୍ରକ ଜିଲାର ୪୯ଟି କଲେଜର ୧୨୧୨୬ ଜଣ ପରୀକ୍ଷାର୍ଥୀ ୩୫ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ କଳା ବିଭାଗରେ ୭୭୯୮, ବିଜ୍ଞାନ ବିଭାଗରେ ୨୬୭୬, ବାଣିଜ୍ୟ ବିଭାଗରେ ୧୪୨୪ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୨୨୮ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବାଲେଶ୍ୱର ଜିଲାର ୧୦୨ଟି କଲେଜର ୨୦୭୯୯ଜଣ ପରୀକ୍ଷାର୍ଥୀ ୬୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ କଳା ବିଭାଗରେ ୧୨୫୪୫, ବିଜ୍ଞାନ ବିଭାଗରେ ୬୬୫୭, ବାଣିଜ୍ୟ ବିଭାଗରେ ୧୨୭୧ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୩୨୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। କେନ୍ଦୁଝର ଜିଲାର ୫୫ଟି କଲେଜର ୧୨୦୫୦ ଜଣ ପରୀକ୍ଷାର୍ଥୀ ୪୪ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ କଳାରେ ୭୯୦୮, ବିଜ୍ଞାନରେ ୨୯୫୪, ବାଣିଜ୍ୟରେ ୮୨୯ ଓ ଧନ୍ଦାମୂଳକ ଶିକ୍ଷାରେ ୩୫୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜୋନ୍ ଅନ୍ତର୍ଗତ ସମସ୍ତ ୨୨୩ଟି କେନ୍ଦ୍ରରେ ୨୨୩ ଅଧୀକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ୩୩ଟି ହବ୍ ସେଣ୍ଟରରେ ୩୩ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସକାଳ ୮ଟାରୁ ୮ଟା ୩୦ ମଧ୍ୟରେ ହବ୍ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ଯିବ। ଏହା ପରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ କେହି ମୋବାଇଲ ନେଇ ପାରିବେ ନାହିଁ। ଏପରି କି ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ମଧ୍ୟ ମୋବାଇଲ୍ ନେଇ ପାରିବେ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାରିପଦା ଉପସଚିବ ଜୟଦେବ ପ୍ରମାଣିକ ପ୍ରକାଶ କରିଛନ୍ତି। ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବାରିପଦା ଶାଖା କାର୍ଯ୍ୟାଳୟ ପକ୍ଷରୁ ଫ୍ଲାଇଙ୍ଗ ସ୍କ୍ୱାଡ, ଜିଲା ପ୍ରଶାସନ ପକ୍ଷରୁ ଡିଏଲସି ସ୍କ୍ୱାଡ ଓ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସେଣ୍ଟ୍ରାଲ ସ୍କ୍ୱାଡ ଏହିଭଳି ୩ଟି ସ୍କ୍ୱାଡ ଗଠନ କରାଯାଇଛି।

## ସଂକ୍ଷେପରେ

### ବିଜ୍ଞାନରେ କପି କରି ଧରାପଡ଼ିଲେ ୪୫ ପରୀକ୍ଷାର୍ଥୀ

**ବାରିପଦା ଅଫିସ, ୨୮।୨:** ଶୁକ୍ରବାର ମାଟ୍ରିକ ପରୀକ୍ଷାର ବିଜ୍ଞାନ ବିଷୟରେ ଜିଲାର ୭ଟି ପରୀକ୍ଷା କେନ୍ଦ୍ରରେ ୪୫ ଜଣ ଛାତ୍ରୀଛାତ୍ର କପି କରୁଥିବା ବେଳେ ଧରା ପଡ଼ିଛନ୍ତି। ପୂର୍ବରୁ ହେଉଥିବା ବିଭିନ୍ନ ବିଷୟରେ ଜିଲାରୁ ୩ରୁ ୪ ଜଣ କପି କରି ଧରା ପଡ଼ିଥିବା ବେଳେ ବିଜ୍ଞାନ ବିଷୟରେ ଶୁକ୍ରବାର ସର୍ବାଧିକ ୪୫ ଜଣ ଛାତ୍ରୀଛାତ୍ର କପି କରି ଧରାପଡ଼ିଛନ୍ତି। ଧରାପଡ଼ିଥିବା ସମସ୍ତ ଛାତ୍ରୀଛାତ୍ର ରେଗୁଲାର ଅଟନ୍ତି। ଖୁଣ୍ଟପାଳ ଶାଲଡିଆ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୫, ରାସଗୋବିନ୍ଦପୁର ସରକାରୀ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୩, ମାଣ୍ଡିଆ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ୪,ବିସି ବିଦ୍ୟାପୀଠ ଶ୍ରୀରାମଚନ୍ଦ୍ରପୁର ପରୀକ୍ଷାକେନ୍ଦ୍ରରେ ୪, ପାଟସିନିପୁର ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ୨, ଯଦୁନାଥ ସୀମନ୍ତ ହାଇସ୍କୁଲ ନୂଆଡ଼ିହି ପରୀକ୍ଷା କେନ୍ଦ୍ରରେ ୩ ଓ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ରଣଦିସାହି ପରୀକ୍ଷାକେନ୍ଦ୍ରରେ ୪ ଜଣ ଛାତ୍ରୀଛାତ୍ର ଏମ୍‌ପି ହୋଇଛନ୍ତି। ପଞ୍ଚମ ଦିନରେ ବିଜ୍ଞାନ ପରୀକ୍ଷା ଦେବା ପାଇଁ ୩୭୦୪୭ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮୦ଟି କେନ୍ଦ୍ରରେ ୩୫୩୧୬ ଜଣ ପରୀକ୍ଷା ଦେଇଥିଲେ।

### ସେମିରେ ରାଇରଙ୍ଗପୁର ମହିଳା, ପୁରୁଷ ଦଳ

**ରାଇରଙ୍ଗପୁର,୨୮।୨(ଡି.ଏନ୍.ଏ.):** ମହିଳା ଏବଂ ପୁରୁଷ ବିଭାଗ ରାଜ୍ୟସ୍ତରୀୟ ଜନଜାତି ଏସ୍‌ଡିସି କପ୍-୨୦୨୦ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ଲିଗ୍ ମ୍ୟାଚ୍ ଶେଷ ହୋଇଛି। କନ୍ଧମାଳଠାରେ ଅନୁଷ୍ଠିତ ଶେଷ ଲିଗ୍‌ମ୍ୟାଚରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହିଳା ଓ ପୁରୁଷ ଉଭୟ କନ୍ଧମାଳ ମହିଳା ଓ ପୁରୁଷ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇରଙ୍ଗପୁର ମହିଳା ଦଳ କନ୍ଧମାଳ ମହିଳା ଦଳକୁ ୭-୦ରେ ଏବଂ ରାଇରଙ୍ଗପୁର ପୁରୁଷ ଦଳ କନ୍ଧମାଳ ପୁରୁଷ ଦଳକୁ ୬-୦ରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରାଇରଙ୍ଗପୁର ମହିଳା ଏବଂ ପୁରୁଷ ଉଭୟ ଦଳ ବିଜୟୀ ହୋଇ ଏସ୍‌ଡିସି କପ୍ ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

**ଠାକୁରମୁଣ୍ଡା,୨୮।୨(ଡି.ଏନ୍.ଏ.):** ଠାକୁରମୁଣ୍ଡା ମା'ବାସୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଦ୍ୱିତୀୟ ପ୍ରର୍ଯ୍ୟାୟରେ ୧୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ପଲେଇଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ଉପେନ୍ଦ୍ର ପ୍ରସାଦ ମହାନ୍ତି ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖିବା ଦ୍ୱାରା ନିଜର ତଥା ସମାଜର ଉପକାର ସହିତ ଭବିଷ୍ୟତରେ ତାର ସଦ୍‌ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଅଧାପକ ଜଳଧର ରାଉତ, ମନୋଜ ନାୟକ, ଅଶ୍ୱିନି ବାରିକ, ରମେଶ ଦାସ, ସୁବାଷ ଶତପଥି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିବିରର ସଂଯୋଜିକା ଅଧାପିକା ଜେମାମଣି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷିକା ଚନ୍ଦ୍ରିକା ମହାନ୍ତ ଓ ସବିତା ପାତ୍ରଙ୍କୁ ଏହି ଅବସରରେ ବିଦ୍ୟାଳୟ ତରଫରୁ ପାରିଶ୍ରମିକ ଚେକ ପ୍ରଦାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କଳା ଓ ବିଜ୍ଞାନ ବିଭାଗର ମୋଟ ୧୪୮ ଜଣ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣରେ ଭାଗ ନେଇ ଥିଲେ।

## ୧୦ ବର୍ଷ ହେଲା ଶିଳାନ୍ୟାସରେ ଅଟକିଛି କାର୍ଯ୍ୟ

**ବାରିପଦା ଅଫିସ, ୨୮।୨**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟ ଭବନର ଶିଳାନ୍ୟାସକୁ ୧୦ ବର୍ଷ ବିତିବାକୁ ଯାଉଥିବା ବେଳେ ଶିଳାନ୍ୟାସରେ କାର୍ଯ୍ୟ ସୀମିତ ଥିବା ଦେଖିବାକୁ ମିଳିଛି। ଭିଜିଲାନ୍ସ ଅଫିସ ନିକଟସ୍ଥ ୫୦ ଡିସିମିଲ ଜାଗାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟ ନିର୍ମାଣ କରାଯିବ ନିମନ୍ତେ ୨୦୧୦ ଅକ୍ଟୋବର ୨୦ରେ ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସର ୧୦ ବର୍ଷ ବିତିବାକୁ ବସିଥିବା ବେଳେ ଘର ନିର୍ମାଣ ପାଇଁ ମାଟି ମୁଠାଏ ମଧ୍ୟ ପଡ଼ିନାହିଁ। କାର୍ଯ୍ୟାଳୟ ନ ହେବା ଯୋଗୁ ବର୍ତ୍ତମାନ ଭଡ଼ାରେ ଏହି କାର୍ଯ୍ୟାଳୟ ଚାଲୁଛି। ପ୍ରକାଶ ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟ ବାରିପଦା ସହରଠାରେ ୧୯୯୧ରୁ କାର୍ଯ୍ୟ କରି ଆସୁଛି। ପୂର୍ବରୁ ଦାରୋଗାଡାହି ଗୋଲେଇଠାରେ ଏକ ଭଡ଼ା ଘରେ କାର୍ଯ୍ୟାଳୟ ଚାଲୁଥିଲା। ୨


ଶିଳାନ୍ୟାସ ଫଳକ।

ବର୍ଷ ହେଲାଣି ଷ୍ଟାଡିୟମ ଗୋଲେଇସ୍ଥିତ ଏମପିସି କଲେଜର ସରକାରୀ କ୍ୱାର୍ଟରରେ ବାରିପଦା ଶାଖା କାର୍ଯ୍ୟାଳୟ ଚାଲୁଛି। କିଛି ଭଡ଼ା ମଧ୍ୟ ଏ ବାବଦକୁ ଦିଆଯାଉଛି। ଶିଳାନ୍ୟାସ ହୋଇଥିବା ସ୍ଥାନରେ ୫୦ ଡିସିମିଲର ଜାଗା ଥିବା ଓ ଉଚ୍ଚ ଶିକ୍ଷା ବିଭାଗର ଟଙ୍କା ଥିଲା ବେଳେ କାହିଁକି ସେଠାରେ ଘର ନିର୍ମାଣ ହେଉନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀମାନଙ୍କ ଅବହେଳାରୁ ଉକ୍ତ କାର୍ଯ୍ୟାଳୟ ହେଉ ପାରୁ ନ ଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଉଚ୍ଚ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

**ବାରିପଦା ଅଫିସ, ୨୮।୨**

ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅମିତ ଶାହା ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ନେତାମାନେ ନାରାବାଜି ଦେଇଥିଲେ। ମୟୂରଭଞ୍ଜ ଜିଲା ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ,


କଂଗ୍ରେସ ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ରାଜ୍ୟ ସମ୍ପାଦକ ଯୋଗେଶ ଅଗ୍ରୱାଲ, ନିରୋଜ ଲୋଚନ ଦାସ, ପୂର୍ବତନ ସଭାପତି ପ୍ରଦୀପ ରଥ, ଅରବିନ୍ଦ ଦାସ, ଅଜୟ ମହାପାତ୍ର ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଇତିଶ୍ରୀ ମିତ୍ର, ଇନ୍ଦୁ ମହାନ୍ତି, ନିର୍ମଳ ପ୍ରଧାନ,ଦୀପକ ଦାସଙ୍କ ସମେତ ଏକାଧିକ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଚିତ୍ରଡା,୨୮।୨(ଡି.ଏନ୍.ଏ.)**

ମୋରଡ଼ା ବ୍ଲକ ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୧୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସମସ୍ତଙ୍କର ପରୀକ୍ଷା ବିଭାଗୀୟ ଡାକ୍ତରମାନେ କରିଥିବା ବେଳେ ୨୧୩ଜଣଙ୍କୁ ବସ୍ ପାସ, ୨୦୦ଜଣଙ୍କୁ ଭତ୍ତା,୧୭ଜଣଙ୍କୁ ଡିଆରଆଇ ଲୋନ, ୨ଜଣଙ୍କୁ ଭୋକେଶନାଲ ଟ୍ରେନିଂ, ୧୦ଜଣଙ୍କୁ ଡିଡିୟୁ ଜିକେୱାଇ, ୧୭୫ଜଣଙ୍କୁ ଭିନ୍ନକ୍ଷମ ଆଇକାର୍ଡ, ୩୧୦ଜଣଙ୍କୁ ସାର୍ଟିଫିକେଟ, ୧୦ଜଣଙ୍କୁ ସର୍ଜରୀ ପାଇଁ ଏବଂ ୯୧ ଜଣଙ୍କୁ ଭିନ୍ନକ୍ଷମ ଉପକରଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିବା ଜଣାପଡିଛି। ବିଡିଓ ପ୍ରିୟବ୍ରତ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିବିଏସଓ ସୁଶୀଲ ଚନ୍ଦ୍ର ସେଠୀ, ଜିପିଓ ସୁଶାନ୍ତ କୁମାର ରାଉଳ,ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଭୋଇ,ଆକାଉଣ୍ଟ ଅଫିସର ବିପିନ ବିହାରୀ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ପରୀକ୍ଷା ପାଇଁ ବିଭିନ୍ନ ବିଭାଗରୁ ଡା. ସତ୍ୟପ୍ରକାଶ ଜେନା, ଡା. ମୋହନ ଚରଣ ମୁର୍ମୁ, ଡା. ବିଶ୍ୱନାଥ ଦାସ, ଡା. ସମରେନ୍ଦ୍ର ମହାପାତ୍ର, ଡା.ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ପରୀକ୍ଷା କରିଥିଲେ। ଏହି ଶିବିରରେ ପ୍ରଶାସନର ଅବହେଳା ଯୋଗୁଁ ବିଶ୍ରାମ ସ୍ଥାନ ଅଭାବରୁ ଭିନ୍ନକ୍ଷମମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା

## ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୨୮।୨(ଡି.ଏନ୍.ଏ.)**

ଗୋରୁମହିଷାଣୀ ଥାନା ଅଧୀନ ଛତ୍ରମଣ୍ଡଳ ରାସ୍ତାରେ ପାଟ୍ରୋଲିଂ ବେଳେ ପୋଲିସ ମଦବେପାରୀ ଶିବ ମୁଣ୍ଡାଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୦ ଲିଟର ମଦ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୨/୨୦୨୦)ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଝାରପୋଖରିଆ ବିଦ୍ୟୁତ୍ ସେକ୍ସନ୍‌ରେ ଲୋକ ଅଦାଲତ

**ଝାରପୋଖରିଆ, ୨୮।୨ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ନେସ୍କୋ ବିଦ୍ୟୁତ୍ ବିଭାଗର ସବ୍‌ଡିଭିଜନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଝାରପୋଖରିଆ ବିଦ୍ୟୁତ୍ ସେକ୍ସନ୍‌ର କନିଷ୍ଠଯନ୍ତ୍ରୀ ଭବାନୀ ରାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଝାରପୋଖରିଆ କାର୍ଯ୍ୟାଳୟରେ ଏକ ବିଦ୍ୟୁତ୍ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସେକ୍ସନ୍ ଅଧୀନସ୍ଥ ଝାରପୋଖରିଆ, ଜାମଶୋଳା, ସାରସକଣା, ଯୋକା ପ୍ରଭୃତି ଅଞ୍ଚଳରେ ଥିବା ୧୮୩୦୦ ଉପଭୋକ୍ତାଙ୍କୁ ନେଇ ଏକ ଅଦାଲତ ଶିବିର ଅନୁଷ୍ଠିତ ହୋଇଛି। ଏଥିମଧ୍ୟରେ ୮୯ ଜଣଙ୍କୁ ନେଇ ବକେୟା ଅର୍ଥ ଆଦାୟ କରିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେଥିମଧ୍ୟରୁ ଲୋକ ଅଦାଲତ ମାଧ୍ୟମରେ ୫୭ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବକେୟା ବିଦ୍ୟୁତ୍ ବିଲ୍‌ର ସଂଶୋଧନ କରାଯାଇ ମୋଟ ୨ ଲକ୍ଷ ୧୭ ହଜାର ଟଙ୍କା ଆଦାୟ କରାଯାଇଥିବା କୁଳିଅଣା ବିଦ୍ୟୁତ୍ ସବ୍‌ଡିଭିଜନର କନିଷ୍ଠ ହିସାବ ରକ୍ଷକ ଦେବାଶିଷ ଦାସଙ୍କଠାରୁ ଜଣାପଡ଼ିଛି। ଉକ୍ତ ବିଦ୍ୟୁତ୍ ବକେୟା ବିଲ୍ ଆଦାୟ କାର୍ଯ୍ୟରେ ଗଣେଶ ବାରିକ ସହଯୋଗ କରିଥିଲେ।

## କାଠମାଫିଆଙ୍କ ଆକ୍ରମଣରେ ୨ ବନ କର୍ମଚାରୀ ଆହତ


ଆକ୍ରମଣରେ ଆହତ ଦୁଇ ବନ କର୍ମଚାରୀ।

**ବାରିପଦା ଅଫିସ, ୨୮।୨**

ମୟୂରଭଞ୍ଜ ଜିଲା ବାରିପଦା ରେଞ୍ଜ ଅଧୀନ ମହୁଲିଆଠାରେ କାଠମାଫିଆଙ୍କ ଆକ୍ରମଣରେ ଜଣେ ଫରେଷ୍ଟ ଗାର୍ଡ ଓ ବନ ବିଭାଗର ଅନ୍ୟ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ଆହତ ଫରେଷ୍ଟଗାର୍ଡ ହେଲେ ଛତିଶ ଚନ୍ଦ୍ର ମହାନ୍ତ ଓ ବନ କର୍ମଚାରୀ ଜଣଙ୍କ ହେଲେ ଶତ୍ରୁଘନ ମହାନ୍ତ। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ହାତୀ ଘଉଡ଼ାଇବା ପାଇଁ ବନ କର୍ମଚାରୀମାନେ ମହୁଲିଆ ରେଞ୍ଜକୁ ଯାଇଥିଲେ। ଶୁକ୍ରବାର ଭୋର ସମୟରେ ଫେରୁଥିବା ବେଳେ ମହୁଲିଆ ଛକ ନିକଟରେ ଏକ କାଠ ବୋଝେଇ ପିକଅପ ଭ୍ୟାନ ଦେଖିବାକୁ ପାଇଥିଲେ। ପରେ ଫରେଷ୍ଟ ଗାର୍ଡ ଓ ବନ କର୍ମଚାରୀ ଜଣଙ୍କ ଗାଡ଼ି ନିକଟକୁ ଗଲାବେଳକୁ ଗାଡ଼ିର ଚାଳକ ଓ ହେଲ୍‌ପର ଗାଡ଼ି ଛାଡ଼ି ଦୌଡି ପଳାଇ ଯାଇଥିଲେ। ଗାଡ଼ିରେ ବିପୁଳ ପରିମାଣର କାଠ ଥିବା ନେଇ ବାରିପଦା ବନ ବିଭାଗ କାର୍ଯ୍ୟାଳୟକୁ ଖବର ଦିଆଯାଇଥିଲା। ଏହାର କିଛି ସମୟ ପରେ କିଛି ବାଇକ୍‌ରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ଆସି ଫରେଷ୍ଟ ଗାର୍ଡ ଛତିଶ ଓ ଶତ୍ରୁଘନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ପରେ କାଠ ବୋଝେଇ ଗାଡିକୁ ନେଇ ପଳାଇ ଯାଇଥିଲେ। ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପିଆରଏମ୍ ମେଡିକାଲ୍‌ରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ବାରିପଦା ରେଞ୍ଜର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଟାଉନ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଜାତୀୟ ବିଜ୍ଞାନ ଦିବସ

**ବାଙ୍ଗିରିପୋଷି,୨୮।୨(ଡି.ଏନ୍.ଏ.)**

ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଟସର ଅଫିସର ଯଯାତି କେଶରୀ ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନାଭିମୁଖୀ କରିବା ସହିତ ବିଜ୍ଞାନ ପ୍ରୟୋଗ କିଭଳି ମଣିଷ ଜୀବନରେ ପରିବର୍ତ୍ତନ ଆଣିପାରେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଦିନବନ୍ଧୁ ମହାନ୍ତ ବିଭିନ୍ନ ବୈଜ୍ଞାନିକ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ପ୍ରଦର୍ଶନୀ,ବକ୍ତୃତା ଓ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଶିଶୁଭାଇ ଭଉଣୀ ଭାଗ ନେଇଥିଲେ। ଆଚାର୍ଯ୍ୟ ସୁକୁମାର ଗିରି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଧନ୍ୟବାଦ ଅର୍ପଣ କରିଥିଲେ।

## କମୁଛି ଉପସ୍ଥାନ, ୨ ବର୍ଷରେ ୨୬ ସ୍କୁଲର ମିଶ୍ରଣ

**ବଡ଼ସାହି,୨୮।୨(ସ୍ୱ.ପ୍ର)**

ଶିକ୍ଷା ବ୍ୟବସ୍ଥାକୁ ସଜାଡିବା ସହ ଉନ୍ନତମାନର ଶିକ୍ଷାଦାନ ନିମନ୍ତେ ସରକାରୀସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ବଡ଼ସାହି ଶିକ୍ଷା ସର୍କଲ ଅଧୀନରେ ଥିବା ସ୍କୁଲଗୁଡ଼ିକ ମଧ୍ୟରୁ ୨୦ରୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡିକ ବନ୍ଦ କରାଯାଇ ନିକଟସ୍ଥ ସ୍କୁଲ ସହିତ ଯୋଡ଼ା ଯାଇଛି । ଫଳରେ ବ୍ଲକରେ ଥିବା ୧୬ଟି ସ୍କୁଲ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ ହେବା ସହିତ ଆବଶ୍ୟକ ସ୍ଥଳେ ବନ୍ଦ କରାଯିବା ନେଇ ଜିଲା ଶିକ୍ଷାଧିକାରୀଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ବଡ଼ସାହି ଶିକ୍ଷା ସର୍କଲ ଅଧୀନରେ ଥିବା ୧୮ଟି କ୍ଲଷ୍ଟରରେ ପ୍ରାଥମିକ ଓ ନୋଡାଲ ସ୍କୁଲକୁ ମିଶାଇ ରହିଛି ୨୪୧ଟି ସ୍କୁଲ। ୧୮ ହଜାର ୩୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୭୪୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ସ୍କୁଲରେ ଥିବା ଛାତ୍ରୀଛାତ୍ରଙ୍କ ଅନୁପାତକୁ ନେଇ ୬୦୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ ଥିବା ବେଳେ ଅବଶିଷ୍ଟ ୧୪୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଧିକ ରହିଛନ୍ତି। ପ୍ରତିବର୍ଷ ସରକାରୀ ସ୍କୁଲରେ ପିଲାମାନଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଗଣଶିକ୍ଷା ବିଭାଗଙ୍କ ଚିଠି ନଂ.୧୦୪୪୨/ମେ, ୨୦୧୮ ଅନୁଯାୟୀ ୨୦ରୁ କମ୍ ଉପସ୍ଥାନ ଥିବା ସ୍କୁଲଗୁଡିକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ୨୦୧୮-୧୯ ଶିକ୍ଷାବର୍ଷରେ ୧୦ଟି ସ୍କୁଲ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରାଯାଇଛି । ସେହି ନିର୍ଦ୍ଦେଶ ମୁତାବକ ଚଳିତ ବର୍ଷ ୨୦୧୯-୨୦ରେ ହ୍ରାସ ପାଇଥିବା ସ୍କୁଲଗୁଡିକ ମଧ୍ୟରୁ ୧୬ଟି ସ୍କୁଲକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରାଯିବା ନେଇ ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି । ରିପୋର୍ଟ ପ୍ରଦାନ କରାଯିବା ପରେ ଉକ୍ତ ସ୍କୁଲଗୁଡ଼ିକରେ ପାଠପଢୁଥିବା ଛାତ୍ରୀଛାତ୍ରମାନେ ନିକଟସ୍ଥ ସ୍କୁଲକୁ ଯାଇ ପାଠ ପଢିବେ ବୋଲି ଜଣାପଡିଛି । ତେବେ ସରକାରୀସ୍ତରରେ ଏହି ସବୁ ସ୍କୁଲକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆସନ୍ତା ଶିକ୍ଷାବର୍ଷ ଠାରୁ ୨୨୫ଟି ସ୍କୁଲରେ ଶିକ୍ଷାଦାନ ବ୍ୟବସ୍ଥା ରହିବ ବୋଲି ଜଣାପଡଛି। ଫଳାଫଳକୁ ନେଇ ଜଣାପଡିଛି ଚଳିତ ବର୍ଷ୨୦୧୯-୨୦ଶିକ୍ଷା ବର୍ଷରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ଓ ମେରିଟ କମ୍ ପୋଭାଟି ତାଲିକାରେ ପାଇଥିବା ୧୦ଜଣ ଲେଖାଏ ଶିକ୍ଷାର୍ଥୀଙ୍କ ମଧ୍ୟରୁ ବେସରକାରୀ ସ୍କୁଲର ଛାତ୍ରୀଛାତ୍ରମାନେ ବେଶି ସଫଳତା ପାଇଛନ୍ତି। ତେବେ ସରକାରୀ ସ୍କୁଲରେ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ, ପରିମଳ, ପାନୀୟଜଳ, ମାଗଣା ପୋଷାକପତ୍ର, ପୁସ୍ତକ, ମାଗଣା ସାଇକେଲ ବଣ୍ଟନଠାରୁ ଆରମ୍ଭ କରି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଆଦିର ବ୍ୟବସ୍ଥା କରାଯାଉଛି। ଆଦିବାସୀ ଓ ହରିଜନ ପିଲାଙ୍କୁ ଷ୍ଟାଇପେଣ୍ଡ ଓ ହଷ୍ଟେଲରେ ମାଗଣାରେ ରହି ପାଠପଢିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁ ସତ୍ତ୍ୱେ ପାଠ୍ୟକ୍ରମ ସହିତ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ସରକାରୀ ସ୍କୁଲରେ ଉପସ୍ଥାନ ଦିନକୁ ଦିନ କମିବାରେ ଲାଗିଛି। ଏପରି କି ପ୍ରତି ବର୍ଷ ସରକାରୀ ମେଧାବୃତ୍ତି, ପଠାଣିସାମନ୍ତ ଆଦି ପରୀକ୍ଷାରେ ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ବେଶ୍ ସଫଳତା ଲାଭ କରୁଥିବା ଦେଖିବାକୁ ମିଳିଛି । ପରୀକ୍ଷା ଫଳାଫଳକୁ ଆଖି ଆଗରେ ରଖି ଅଭିଭାବକମାନେ ସରକାରୀ ସ୍କୁଲ ପ୍ରତି ବିମୁଖ ହୋଇ ଘରୋଇ ସ୍କୁଲ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଶିକ୍ଷା ବ୍ୟବସ୍ଥାରେ ସୁଧାର ନ ଆସିଲେ ଆଗାମୀ ଦିନରେ ସରକାରୀ ସ୍କୁଲର ଉପସ୍ଥାନ ଶୂନ ହେବ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ନିରପେକ୍ଷ ତଦନ୍ତ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ବାରିପଦା ଅଫିସ, ୨୮।୨**

କେନ୍ଦ୍ରାପଡାର ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସଙ୍କ ହତ୍ୟାର ୨୮ ଦିନ ପରେ ମଧ୍ୟ କେନ୍ଦ୍ରାପଡା ପୋଲିସ ଦୋଷୀଙ୍କୁ ଧରିବା ପାଇଁ ଚେଷ୍ଟା ନ କରିବା ସରକାରଙ୍କ ପୋଲିସ ବିଭାଗର ୫ଟି କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ନିରପେକ୍ଷ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର ସୂଚନା ଅଧିକାର କର୍ମୀ ରାଜକିଶୋର ନାୟକଙ୍କ କପ୍ତିପଦା ବ୍ଲକରେ ହୋଇଥିବା ବିଭିନ୍ନ କାର୍ଯ୍ୟର ସୂଚନା ମାଗିବାରୁ ତାଙ୍କ ଉପରେ ଦୁର୍ବୃତ୍ତମାନଙ୍କ ଦ୍ୱାରା ଦୁଇ ଦୁଇ ଥର ଆକ୍ରମଣ ହୋଇସାରିଛି। ବାଙ୍ଗିରିପୋଷୀ ବ୍ଲକର ସୂଚନା ଅଧିକାର କର୍ମୀ ଚକ୍ରଧର ସାହୁ ବାଙ୍ଗିରିପୋଷୀ ବ୍ଲକର ନାମ୍ପି ପଞ୍ଚାୟତରେ ହୋଇଥିବା ବେନିୟମ କାର୍ଯ୍ୟ


ଜିଲାପାଳଙ୍କୁ ସୂଚନା ଅଧିକାରୀ କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଉପରେ ସୂଚନା ମାଗିବାରୁ ତାଙ୍କ ଉପରେ ଜାନୁୟାରୀ ୨୦ତାରିଖରେ ଆକ୍ରମଣ ହୋଇଛି। ରାଜକିଶୋର ନାଏକ ଓ ଚକ୍ରଧର ସାହୁ ନିଜ ବ୍ଲକ ଥାନାରେ ଏତଲା ଦେଇଥିଲେ ମଧ୍ୟ ଦୋଷୀଙ୍କ ଉପରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତେଣୁ ପୋଲିସ ଏଥି ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜ ଶାଖାର ଆବାହକ ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଅରୁଣ ବେହେରା, ରାକେଶ ସିଂ, ସୋନାଲି ପ୍ରିୟଦର୍ଶନୀ ବେହେରା, ମନୋଜ ପତି, ଚକ୍ରଧର ସାହୁ, ଆଶିଷ ବସା ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ତାମିଲନାଡୁରୁ ବଳାତ୍କାର ଅଭିଯୁକ୍ତ ଗିରଫ

ତିହିଡ଼ି,୨୮।୨(ଡି.ଏନ.ଏ.)-ତିହିଡ଼ି ଥାନା ସାହାପୁର ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ଚନ୍ଦନ ମଲିକ ନାମକ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ତାମିଲନାଡୁରୁ ପୋଲିସ ଗିରଫ କରିଛି। ଶୁକ୍ରବାର ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଚନ୍ଦନ ୨୦୧୭ ମାର୍ଚ୍ଚ ୨୧ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୯୧/୧୭) ରୁଜୁ ହୋଇଥିଲା। ଘଟଣା ପରଠାରୁ ଚନ୍ଦନ ଫେରାର ଥିଲେ।

### ଦୁର୍ଘଟଣାରେ ବ୍ୟବସାୟୀ ମୃତ

ଭଣ୍ଡାରିପୋଖରୀ, ୨୮।୨ (ଡି.ଏନ.ଏ.)-୧୬ ନଂ. ଜାତୀୟ ରାଜପଥର ଛତାବର ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ପରିମଳ ମଜୁମ୍‌ଦାର। ସୂଚନା ଅନୁଯାୟୀ, ସେ ଗୁରୁବାର ରାତିରେ ଛତାବର ଛକରେ ଥିବା ତାଙ୍କ ଦୋକାନ ବନ୍ଦ କରି ଚାଲି ଚାଲି ଘରକୁ ଯାଉଥିଲେ। ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଯାଜପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିଥିଲା।

### ଧୂଷୁରୀ ଆଞ୍ଚଳିକ ମହାସଂଘ ଗଠିତ

ଧାମନଗର, ୨୮।୨ (ଡି.ଏନ.ଏ.)-ଓଡ଼ିଶା ଜୀବିକା ମିଶନ ଶକ୍ତି ଅଧୀନରେ ଧୂଷୁରୀ ଆଞ୍ଚଳିକ ମହାସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିପିଏମ୍ ପୀତବାସ ବିଶ୍ୱାଳ, ବିଏଲ୍‌ସି ଦୀପାଞ୍ଜଳି ଦାସ ଏବଂ ଧୂଷୁରୀ ସରପଞ୍ଚ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଥିଲା। ସଭାପତି ଭାବେ କଳ୍ପନା ନାୟକ, ଉପସଭାପତି ବାସନ୍ତୀ ବେହେରା, ସମ୍ପାଦକ ମମତା ଜେନା ଓ କୋଷାଧ୍ୟକ୍ଷ ଭାବେ ସନ୍ଧ୍ୟାରାଣୀ ବିଶ୍ୱାଳ ମନୋନୀତ ହୋଇଥିଲେ। କେନ୍ଦ୍ରାପଡ଼ାରୁ ଆସିଥିବା ସିନିୟର ସିଆର୍‌ପି ଭାବେ ପ୍ରଭାତି ମହାପାତ୍ର ଏବଂ ରଶ୍ମିବାଳା ସାହାଣୀ ନିର୍ବାଚନ ପରିଚାଳନା କରିଥିଲେ। ମୋଟ ୧୧୫ ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାଙ୍କୁ ନେଇ ନିର୍ବାଚନ କରାଯାଇଥିଲା।

### ୧ରୁ ଖ୍ୱାଜା ଗରିବ ନୱାଜର ବାର୍ଷିକ ଉତ୍ସବ

ଭଦ୍ରକ ଅଫିସ,୨୮।୨- ଭଦ୍ରକ ପୁରୁଣାବଜାର ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରେ ପୁରୁଣାବଜାରସ୍ଥିତ କମିଟି ଗୃହରେ ୩୬ତମ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ ଦୁଇଦିନ ବ୍ୟାପୀ ସମାରୋହ ହେବ। ଆସନ୍ତା ମାର୍ଚ୍ଚ ୧ରୁ ଉତ୍ସବ ଆରମ୍ଭ ହେବ। ପ୍ରଥମ ଦିନ ୪ଟାରେ ଚାଦର ଶୋଭାଯାତ୍ରା ପୁରୁଣାବଜାର ଜାମା ମସ୍‌ଜିଦ ଛକରୁ ବାହାରି ଖାନ୍‌କାହା ସରିଫ୍‌ରେ ପହଞ୍ଚି ସାନ ସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ା ଯିବ। ରାତି ୮ଟାରେ କମିଟି ତରଫରୁ ଲଙ୍ଗର(ପ୍ରସାଦ) ବ୍ୟବସ୍ଥା କରାଯିବ। ୨ ତାରିଖ ରାତି ୮ଟାରେ ଧର୍ମସଭା ଓ ମୁଶାଏରାରେ ଆନ୍ତର୍ଜାତିକ କବି(ସାଏର) ଓ ପଣ୍ଡିତ(ମୌଲାନା)ମାନେ ଯୋଗଦେବେ ବୋଲି କମିଟି ସଭାପତି ନସରୁ ଖାଁ, ଉପସଭାପତି ଶେଖ୍ ଅନୱର, ସମ୍ପାଦକ କଲିମୁଦ୍ଦିନ ଖାଁ, ବରିଷ୍ଠ ସଭ୍ୟ ଗୋଲାମ ମୋହିଦ୍ଦିନ, ମିନହାଜ କାଦରୀ, ଇସାର ଅଲି, ଇସ୍‌ଲାମ ଖାଁ ପ୍ରମୁଖ ସୂଚନା ଦେଇଛନ୍ତି।

# କାର୍ଯ୍ୟକ୍ଷମ ହେଉନି ସେବାଶ୍ରମ ଛାତ୍ରାବାସ

ପଦ୍ମପୁର,୨୮।୨(ଡି.ଏନ.ଏ.)


ସନନ୍ଦପୁର ସେବାଶ୍ରମ ଛାତ୍ରାବାସ।

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତ ସନନ୍ଦପୁର ଗ୍ରାମରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ସେବାଶ୍ରମ ଛାତ୍ରାବାସ। ମାତ୍ର ଛାତ୍ରାବାସ ଏବେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଦୂରଦୂରାନ୍ତରୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି।

ପ୍ରକାଶ ଯେ, ୨୦୦୯ରୁ ଏହି ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୬ରେ ସରିଥିଲା। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ଏଠାରେ ରହି ବିନା ଦେୟରେ ଶିକ୍ଷାଲାଭ କରିବା ପାଇଁ ଉଦ୍ଦିଷ୍ଟ। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ୮୩ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୩ଟି ଶ୍ରେଣୀଗୃହ ଥିବାବେଳେ ଗୃହଗୁଡ଼ିକ ଭାଙ୍ଗିରୁଜି ଗଲାଣି। କେଉଁଠି ଛାତରୁ ପାଣି ଗଳୁଛି ତ କେଉଁ ଗୃହର କବାଟ ଝରକା ଭାଙ୍ଗିଯାଇ ଝୁଲୁଛି। ଏଭଳି ସ୍ଥିତିରେ ୨ଟି କୋଠରୀରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଛାତ୍ରାବାସ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଦୂରଦୂରାନ୍ତରୁ ଆସି ଛାତ୍ରୀଛାତ୍ର ବିଦ୍ୟାଳୟରେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ଛାତ୍ରାବାସ ପାଇଁ ଆସୁଥିବା ସରକାରୀ ଅନୁଦାନ ଉଦ୍ଦିଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ବିନିଯୋଗ ହୋଇପାରୁ ନାହିଁ। ଫଳରେ ଗରିବ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଲାଗି ସରକାରୀ ପ୍ରୋତ୍ସାହନ ପ୍ରହସନ ପାଲଟିଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନାଙ୍କୁ ପଚାରିବାରୁ କହିଛନ୍ତି ଯେ, ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇପାରି ନ ଥିବା କାରଣରୁ ଛାତ୍ରାବାସ କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଚଳିତବର୍ଷ ପରିଚାଳନା କମିଟି ଗଠନ ସରିଯାଇଛି। ଆସନ୍ତା ଏପ୍ରିଲଠାରୁ ଛାତ୍ରାବାସ କାର୍ଯ୍ୟକ୍ଷମ ହେବା ସହ ଛାତ୍ରୀଛାତ୍ରଙ୍କୁ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ପୁଣି ବାଲିଆପାଳ ଘାଟ ନିଲାମ ବାତିଲ

ବାସୁଦେବପୁର/ପଦ୍ମପୁର, ୨୮।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର କରଞ୍ଜଆଡ଼ିଆ ପଞ୍ଚାୟତରେ ମନ୍ତେଇ ନଦୀର ବାଲିଆପାଳ ଘାଟ ନିଲାମ ଶୁକ୍ରବାର ୩ୟ ଥର ପାଇଁ ବାତିଲ ହୋଇଛି। ଗଣ୍ଡଗୋଳ ପରିସ୍ଥିତି ଉପୁଜିବାରୁ ବ୍ଲକ ଜିପିଇଓ ନିଲାମ କାର୍ଯ୍ୟ ଅଧାରୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ବ୍ଲକ କାର୍ଯ୍ୟାଳୟ ଚିଠି ନଂ. ୨୫୨ ଅନୁସାରେ ଶୁକ୍ରବାର ଏହି ନିଲାମ କାର୍ଯ୍ୟ କରାଯିବାକୁ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥିର ହୋଇଥିଲା। ନିଲାମ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ ଥିବାବେଳେ ଏହି ନିଲାମ ପଞ୍ଚାୟତ ନେଉ ବୋଲି ଅନେକ ଲୋକ ଦାବି ଉପସ୍ଥାପନ କରିଥିଲେ। ପୂର୍ବରୁ ଯେଉଁ ଲୋକେ ଏହି ଘାଟ ନିଲାମ ନେଉଛନ୍ତି ପରବର୍ତ୍ତୀ ସମୟରେ ଲୋକଙ୍କୁ ଘାଟ ପାର ବେଳେ ଧାର୍ଯ୍ୟଠାରୁ ଅଧିକ ଅର୍ଥ ଦାବି କରି ନେଉଥିବା ଅଭିଯୋଗ ହୋଇଥିଲା। ଏଣୁ ଏହି ନିଲାମ ପଞ୍ଚାୟତକୁ ଦିଆଯାଉ ବୋଲି ମଧ ପୂର୍ବରୁ ବିଡିଓଙ୍କୁ ୨ଶହରୁ ଉର୍ଦ୍ଧ୍ୱ ଲୋକ ଲିଖିତ ଭାବେ ଅବଗତ କରିଥିଲେ। ନିଲାମ କାର୍ଯ୍ୟ ପଞ୍ଚାୟତ ନେଲେ ଧାର୍ଯ୍ୟ ଦରରେ ଲୋକେ ଘାଟ ପାର ହେବା ସହିତ ଏହା ଉପରେ ପଞ୍ଚାୟତର କର୍ତ୍ତୃତ୍ୱ ରହନ୍ତା ଓ ଆର୍ଥିକ ବ୍ୟବସ୍ଥା ମଜଭୁତ ହୁଅନ୍ତା ବୋଲି ପଞ୍ଚାୟତବାସୀ ନିଲାମ ବୈଠକରେ ମତ ରଖିଥିଲେ। ତେବେ ଘାଟ ନିଲାମ ଧରିବାକୁ ଆସିଥିବା ବ୍ୟକ୍ତି ଓ ପଞ୍ଚାୟତବାସୀଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ନିଲାମ ଧରିବାକୁ ଆସିଥିବା କେତେଜଣ ବ୍ୟକ୍ତି ପଞ୍ଚାୟତର କେତେକ ଚେୟାର ଭାଙ୍ଗିଥିବା ମଧ ଜଣାପଡ଼ିଛି। ପୂର୍ବରୁ ୧୮ ଓ ୨୫ ତାରିଖରେ ଘାଟ ନିଲାମ ପାଇଁ ନୋଟିସ ବାହାରି ବୈଠକ ହୋଇଥିଲେ ମଧ ଏ ନେଇ ସହମତି ହୋଇ ନ ପାରିବାରୁ ନିଲାମ ବନ୍ଦ ରହିଥିଲା ବୋଲି ଜିପିଇଓ ଅଶୋକ ଦାସ ସୂଚନା ଦେଇଛନ୍ତି।

# ଭଦ୍ରକାଳୀ ପୀଠର ଉନ୍ନତି ପାଇଁ ୧ କୋଟି


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସେବାୟତ ଓ ଗ୍ରାମବାସୀ।

ଭଦ୍ରକ ଅଫିସ,୨୮।୨

ଭଦ୍ରକର ପ୍ରସିଦ୍ଧ ମା' ଭଦ୍ରକାଳୀ ପୀଠରେ ସେବାୟତମାନଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରାଯାଇ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସେବାୟତ ଓ ଗ୍ରାମବାସୀ ବିଧାୟକ ସଞ୍ଜୀବ ମଲ୍ଲିକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଉଲ୍ଲେଖନୀୟ ଯେ, ଗତବର୍ଷ ଜୁନ୍‌ରେ ଏହି ପୀଠର ଉନ୍ନତି ପାଇଁ ବିଧାୟକଙ୍କ ଜରିଆରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ମନ୍ଦିରର ସିଂହଦ୍ୱାରକୁ ଆକର୍ଷଣୀୟ କରିବା, ରାସ୍ତାଘାଟ ସମ୍ପ୍ରସାରଣ, ପୁଷ୍କରିଣୀକୁ ଆକର୍ଷଣୀୟ କରିବା, ପୁଷ୍ପ ଉଦ୍ୟାନ ଏବଂ ଆଲୋକ ବ୍ୟବସ୍ଥା ଲାଗି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ବିଚାର କରି ବିଧାୟକଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ୧ କୋଟି ପ୍ରଦାନ କରିଥିବା ସେବାୟତମାନେ କହିଥିଲେ। ଏହି ଆର୍ଥିକ ଅନୁଦାନକୁ ତୁରନ୍ତ ଉପଯୋଗ କରି ପୀଠର ଉନ୍ନତି ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେବାୟତ ସୁବ୍ରତ ଦୀକ୍ଷିତ, ରସାନନ୍ଦ ଦୀକ୍ଷିତ, ଅରବିନ୍ଦ ଦୀକ୍ଷିତ, ଭାଗୀରଥି ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ଶରତ ପଣ୍ଡା, ସରପଞ୍ଚ ବିଶ୍ୱନାଥ ନାୟକ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ମହାନ୍ତି, ଅମିୟ ଖୁଣ୍ଟିଆ ଓ ଅରୁଣିମା ଖୁଣ୍ଟିଆ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପରୀକ୍ଷା କେନ୍ଦ୍ର ବାହାରେ ଉତ୍ତେଜନା

ଆରଡ଼ି, ୨୮।୨ (ଡି.ଏନ.ଏ.)-ମାଟ୍ରିକ ପରୀକ୍ଷାର ପଞ୍ଚମ ଦିନରେ ଶୁକ୍ରବାର ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକର ଏକ କେନ୍ଦ୍ରରେ ଜଣେ ଶିକ୍ଷୟିତ୍ରୀ ଉଦ୍ଦେଶ୍ୟମୂଳକ ଭାବେ କେତେଜଣ ଛାତ୍ରୀଛାତ୍ରଙ୍କୁ ଛିଡ଼ା କରାଇ କପି ଚେକିଂ କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସି କାରଣ ନ ଥାଇ ଶିକ୍ଷୟିତ୍ରୀ ଜଣଙ୍କ ହଇରାଣ କରୁଥିବା ପରୀକ୍ଷାର୍ଥୀ ଅଭିଭାବକଙ୍କୁ ଜଣାଇଥିଲେ। ଶୁକ୍ରବାର ପରୀକ୍ଷା ଆରମ୍ଭ ପୂର୍ବରୁ ଅଭିଭାବକମାନେ କେନ୍ଦ୍ର ବାହାରେ ହଟ୍ଟଗୋଳ କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ପରୀକ୍ଷା ଡ୍ୟୁଟି କରିପାରିବେ ନାହିଁ ବୋଲି ସେଣ୍ଟର ସୁପରିଟେଣ୍ଡେଣ୍ଟଙ୍କ ନିକଟରେ ସେମାନେ ଫେରାଦ ହୋଇଥିଲେ। ପରୀକ୍ଷା ପରେ ଏ ବିଷୟରେ ଆଲୋଚନା କରାଯିବ ବୋଲି ପାଳସାହିର ପୂର୍ବତନ ସରପଞ୍ଚ ଅନିଲ କୁମାର ଦାସ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲାଗିଛି। ସେଠାରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଚାଲିଛି। ହେଲେ ଶିକ୍ଷୟିତ୍ରୀ ଜଣଙ୍କ କାହିଁକି ଓ କାହା ପ୍ରରୋଚନାରେ ଆଇନ ପରିଧିରୁ ବାହାରି ଯାଇ ଛାତ୍ରୀଛାତ୍ରଙ୍କ ଖାତା ଛଡ଼ାଉଛନ୍ତି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଶିକ୍ଷୟିତ୍ରୀଙ୍କୁ ଶେଷ ପରୀକ୍ଷା ଦିନ ଡ୍ୟୁଟି ନ ଦେବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଭାବେ ଦାବି ଜଣାଇଛନ୍ତି।

# ଏଆଇଡିଏସ୍‌ଓ ପକ୍ଷରୁ ପ୍ରତିବାଦ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓର କର୍ମକର୍ତ୍ତା।

ଭଦ୍ରକ ଅଫିସ,୨୮।୨

୨୦୨୦-୨୧ ଶିକ୍ଷାବର୍ଷଠାରୁ ରାଜ୍ୟର ବିଏଡ ଓ ଏମ୍‌ଏଡ କଲେଜକୁ ବନ୍ଦ କରିବା ଓ ରାଜ୍ୟ ସରକାର ବ୍ଲକଗ୍ରାଣ୍ଟକୁ ବନ୍ଦ କରି ପାଖ ସ୍କୁଲରେ ମିଶ୍ରଣ ପାଇଁ ଯୋଜନା ରଖିଛନ୍ତି। ଏହାବ୍ୟତୀତ ଶିକ୍ଷକ, ଅଧ୍ୟାପକମାନଙ୍କର ପ୍ରତିବାଦ କରିବା ଅଧିକାର ବନ୍ଦ ନିଷ୍ପତ୍ତିକୁ ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇଛି। ଭଦ୍ରକରେ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ରାଜ୍ୟ ଉପସଭାପତି ସିଦ୍ଧାର୍ଥ ରଥ, କମିଟି ସଭ୍ୟ ଆଜମଲ ହୁସେନ, ଜିଲା ସଙ୍ଗଠକ ମଣ୍ଟୁ ଚନ୍ଦ୍ର ମଲ୍ଲିକ, ଦୟାନିଧି ମାଝି ପ୍ରମୁଖ ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ।

ଛାତ୍ରନେତାମାନେ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟରେ ପ୍ରାୟ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଦିଆଯାଉଥିବା ବିଏଡ ଏବଂ ଏମ୍‌ଏଡ କୋର୍ସକୁ ଆସନ୍ତା ଶିକ୍ଷାବର୍ଷଠାରୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଲାଗି ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ବିଏଡ ଏବଂ ଏମ୍‌ଏଡ କରିବା ପାଇଁ ହଜାର ହଜାର ଆଶାୟୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି। ବ୍ଲକଗ୍ରାଣ୍ଟ ସ୍କୁଲଗୁଡ଼ିକୁ ପାଖ ସରକାରୀ ସ୍କୁଲରେ ମିଶ୍ରଣ କରାଯିବ। ଏହାଦ୍ୱାରା ବହୁ ସ୍କୁଲ ବନ୍ଦ ହେବ। ଛାତ୍ରୀଛାତ୍ର ନିଜ ଅଞ୍ଚଳରେ ଥିବା ପାଖ ସ୍କୁଲରେ ପଢ଼ିବାର ଯେଉଁ ସୁଯୋଗ ପାଉଥିଲେ ତାହା ମଧ ବନ୍ଦ ହୋଇଯିବ। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବା ସହ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ସ୍ଥାୟୀଭିତ୍ତିରେ ପୂରଣ, ଶିକ୍ଷକ ଓ ଅଧ୍ୟାପକମାନଙ୍କ ଆନ୍ଦୋଳନ କରିବାର ମୌଳିକ ଅଧିକାର ଉପରେ ଲଗାଯାଇଥିବା କଟକଣା ଏବଂ ବ୍ଲକଗ୍ରାଣ୍ଟ ସ୍କୁଲଗୁଡ଼ିକୁ ମିଶ୍ରଣ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି।

# ଆଖଣ୍ଡଳମଣି ପୀଠର ହେବ ସୌନ୍ଦର୍ଯ୍ୟକରଣ

ଆରଡ଼ି, ୨୮।୨ (ଡି.ଏନ.ଏ.)


ଅତିଥି ଭବନରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଭଦ୍ରକ ଜିଲାର ଶୈବପୀଠ ଆରଡ଼ିରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ବାବା ଆଖଣ୍ଡଳମଣି ପୀଠରେ ଜଳକ୍ରୀଡ଼ା କରିବା ଲାଗି ନୂତନ ଭାବେ ଏକ ପୁଷ୍କରିଣୀ ଖନନ କରାଯାଇଛି। ତାହାର ଚତୁଃପାର୍ଶ୍ୱରେ ପ୍ଲାଣ୍ଟେଶନ କରାଯିବା ସହ ଏକ ଉଦ୍ୟାନ ନିର୍ମାଣ ହେବ। ସେତିକି ନୁହେଁ ପର୍ଯ୍ୟଟକମାନଙ୍କ ପାଇଁ ସୁନ୍ଦର ପାଦଚଲା ଘାସ ଗାଲିଚା ମଧ ପ୍ରସ୍ତୁତ କରାଯିବ। ପୀଠର ଏଭଳି ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରାଥମିକ ସ୍ତରରେ ଏକ ଏଷ୍ଟିମେଟ ପ୍ରସ୍ତୁତ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟ ଖର୍ଚ୍ଚ ପାଇଁ ପଞ୍ଚାୟତ ପାଣ୍ଠିରୁ ଅର୍ଥ ବିନିଯୋଗ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସଂସ୍କୃତି ବିଭାଗକୁ ଏଷ୍ଟିମେଟ ପଠାଯାଇ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଚାନ୍ଦବାଲି ତହସିଲଦାର ସୁଶାନ୍ତ କୁମାର ସୂତାର, ବ୍ଲକ ଉନ୍ନୟନ ଅଧିକାରୀ ଶ୍ୟାମସୁନ୍ଦର ଟୁଡୁ, ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା ପ୍ରମୁଖ ପୀଠରେ ପହଞ୍ଚି ଉକ୍ତ ପୁଷ୍କରିଣୀ ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ପରେ ନୂତନ ଅତିଥି ଭବନରେ ଏଷ୍ଟିମେଟ ପ୍ରସ୍ତୁତ ସହ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ରାଜସ୍ୱ ନିରୀକ୍ଷକ ଦେବାଶିଷ ପାଢୀ, ଗ୍ରାମରୋଜଗାର ସେବକ ସତ୍ୟରଞ୍ଜନ ପତି ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## ଜମିବାଡ଼ି ବିବାଦରୁ ମାର୍‌ପିଟ୍: ୫ ଗିରଫ

ପଦ୍ମପୁର, ୨୮।୨ (ଡି.ଏନ.ଏ.)-ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ଜୟକୃଷ୍ଣପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ମାର୍‌ପିଟ୍ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନାରେ ୨ଟି ମାମଲା (ନଂ.୨୫/୨୦ ଓ ୨୬/୨୦) ରୁଜୁ ହୋଇଛି। ଉଭୟ ପକ୍ଷର ୫ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭାରତୀ ନାୟକ, ମଞ୍ଜୁଲତା ନାୟକ, ସୀତାକାନ୍ତ ନାୟକ, ରଞ୍ଜିତା ନାୟକ ଓ କୁନ୍ତଳା ନାୟକ। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ଦେହୁରୀ ସୂଚନା ଦେଇଛନ୍ତି।

# ଜବରଦଖଲ ଉଚ୍ଛେଦ ଦାବି କଲେ ଗ୍ରାମବାସୀ

ବନ୍ତ,୨୮।୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ରାମକୃଷ୍ଣପୁର ଗ୍ରାମରେ ସରକାରୀ ଜମିରେ ଥିବା ଏକ ପୋଖରୀକୁ ଜବରଦଖଲ କରି ମାଟି ପକା ଯାଉଥିବା ଅଭିଯୋଗ ହୋଇଛି। ସମସ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବାକୁ ଗ୍ରାମର ମନୋରଞ୍ଜନ ମହାନ୍ତି, ଚକ୍ରଧର ପଣ୍ଡା, ବିଜୟ କୁମାର ମହାନ୍ତି, ଫୁଲମତି ବେହେରା, ସୁନୀଲ କୁମାର ମଲ୍ଲିକ, ଗଣେଶ ଖିଲାର ପ୍ରମୁଖ ଶୁକ୍ରବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗ୍ରାମର ଜଣେ ମହିଳା ଗୋଚର ଜମିକୁ ଜବରଦଖଲ କରି ଚଞ୍ଚକତା ପୂର୍ବକ ୪ ଡିସିମିଲ ଭୂମିହୀନ ପଟ୍ଟା ପାଇଥିଲେ। ପଟ୍ଟା ପାଇଥିବା ଜମିକୁ ଦଖଲ ନ କରି ପାଖରେ ଥିବା ପ୍ରାୟ ୧ ଏକର ସରକାରୀ ଜମିକୁ ଜବରଦଖଲ କରିଆସୁଛନ୍ତି। ଏଥିସହ ରାଇମଣି ବଜାର ନିକଟସ୍ଥ ଗୋଚର ଜମିରେ ଥିବା ଏକ ବ୍ୟବହୃତ ପୋଖରୀକୁ ଦଖଲ କରି ସେଥିରେ ମାଟି ପକାଉଛନ୍ତି। ଫଳରେ ଗ୍ରାମର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗୋରୁ ଆଦି ଗୃହପାଳିତ ପ୍ରାଣୀ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଣୁ ସମସ୍ତ ସରକାରୀ, ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ସେମାନେ ଦାବି ଜଣାଇଛନ୍ତି।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ବିରୋଧ



କଂଗ୍ରେସ କର୍ମୀଙ୍କ ଶୋଭାଯାତ୍ରା।

ଭଦ୍ରକ ଅଫିସ,୨୮।୨

ପ୍ରଦେଶ କଂଗ୍ରେସ ଡାକରାରେ ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଗସ୍ତକୁ ବିରୋଧ କରି କୁଶପୁତ୍ତଳିକା ଦାହ କରିଥିଲା କଂଗ୍ରେସ। ଶତାଧିକ କର୍ମୀ ଜିଲା କାର୍ଯ୍ୟାଳୟଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ପଥପ୍ରାନ୍ତ ସଭାରେ ନେତୃମଣ୍ଡଳୀ ଉଦ୍‌ବୋଧନ ଦେଇଥିଲେ। ସିଏଏ, ଏନ୍‌ଆର୍‌ସି ଭଳି ଆଇନ ଆଣିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବା ସହିତ ଶାନ୍ତିପ୍ରିୟ ଓଡ଼ିଶା ମାଟିରୁ ଫେରିଯିବା ପାଇଁ ଦାବି ହୋଇଥିଲା। ଦିଲ୍ଲୀ ଦଙ୍ଗାରେ ସାଧାରଣ ନିରୀହ ଲୋକଙ୍କ ଜୀବନ ଗଲାପରେ ଦଙ୍ଗାକୁ ପ୍ରଶମିତ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜି ଓଡ଼ିଶା ଆସି ଏଠାରେ ଆଶାନ୍ତ ପରିସ୍ଥିତି ସୃଷ୍ଟି ଲାଗି ଚେଷ୍ଟା କରୁଛନ୍ତି ବୋଲି କହି କଂଗ୍ରେସ କର୍ମୀମାନେ ସମାଲୋଚନା କରିଥିଲେ। ଜିଲା ସଭାପତି ଅଶୋକ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି, ସୁବ୍ରତ ଦାସ, ବିଦ୍ୟାଧର ଯେନା, ଦିଗମ୍ବର ଦାସ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ଯୁବ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଦାସ, ଆଶିଷ ରାଉତ, ରଜନୀକାନ୍ତ ଚାନ୍ଦ, ଅବଦୁଲ ମୁକିତ ଖାଁ, ସେକ୍ କାଲାମ, ଅସରଫ ଅଲି ପ୍ରମୁଖ ଯୋଗ ଦେଇଥିଲେ।

# ଭଦ୍ରକରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ସଚିବ

ଭଦ୍ରକ ଅଫିସ, ୨୮।୨


ସର୍କିଟ୍ ହାଉସ ପରିସରରେ ସଚିବ ପ୍ରମୋଦ ଦାସଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ।

କେନ୍ଦ୍ର ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ସଚିବ ପ୍ରମୋଦ କୁମାର ଦାସ ଶୁକ୍ରବାର ଭଦ୍ରକ ଗସ୍ତରେ ଆସି ଜିଲା ମଙ୍ଗଳ ବିଭାଗ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଭଦ୍ରକ ପୌରପାଳିକା ଅଧୀନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସ୍କୁଲର ସ୍ଥିତାବସ୍ଥା, ଶ୍ରେଣୀଗୃହ, ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥାର ଭିତ୍ତିଭୂମି, ଛାତ୍ରବୃତ୍ତି ମିଳୁଛି କି ନାହିଁ ଏଭଳି ଅନେକ ବ୍ୟବସ୍ଥାର ସେ ସମୀକ୍ଷା କରିଥିଲେ। ପୁରୁଣାବଜାର ଅଞ୍ଚଳ ନୌମାନିଆ ମଦ୍ରାସା ସ୍କୁଲ ଓ ଡିଏନ୍ ବାଳିକା ବିଦ୍ୟାଳୟରେ ପହଞ୍ଚି ସଚିବ ଏସବୁ ସମ୍ପର୍କରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସଚିବଙ୍କ ସହ ରାଜ୍ୟ ସରକାରଙ୍କ ଅନୁସଚିବ ଶ୍ୱେତା ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ପିଡି ମଧୁସୂଦନ ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା, ପୌରପାଳିକା ପ୍ରକଳ୍ପ ଅଧିକାରୀ ମନୋରମା ଭୂୟାଁ, ତିହିଡ଼ି ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସମ୍ପାଦକ ତବରେଜ୍ ଖାନ୍, ଉର୍ଦ୍ଦୁ ଶିକ୍ଷକ ସଂଘ ପକ୍ଷରୁ ଜାବେଦ୍ ଆକ୍‌ତର୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଦ୍ରାସା କାଦ୍ରିୟା ହାବିବୀୟା ଓ କେଜିଏନ୍ ଟ୍ରଷ୍ଟ ପକ୍ଷରୁ ସଂଖ୍ୟାଲଘୁମାନଙ୍କର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ସ୍ମାରକପତ୍ର ସର୍କିଟ୍ ହାଉସ ପରିସରରେ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ସର୍କିଟ୍ ହାଉସ ପରିସରରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସଚିବ ଆଲୋଚନା କରି ଫେରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣା ଘଟାଇଥିବା ଡମ୍ପର ଡ୍ରାଇଭର ଗିରଫ

ଯୋଡ଼ା, ୨୮।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ୨ନଂ. ରାଜ୍ୟ ରାଜପଥ ସୁଜୁକି ଶୋ'ରୁମ୍ ନିକଟରେ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଡମ୍ପର ଡ୍ରାଇଭର ଅତମ କୁମାର ଅମାନ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସର ସୂଚନା ଅନୁଯାୟୀ, ଗତ ୨୧ତାରିଖରେ ଡମ୍ପର (ନଂ.ଓଆର୦୯ ୧୪ବି ୧୯୩୫) ଯୋଡା ସହର ଦେଇ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଉକ୍ତ ଶୋ'ରୁମ୍ ନିକଟରେ କୁନ୍ଦୁରୁନାଲା ଅଞ୍ଚଳର ମହିଳା ଲକ୍ଷ୍ମୀ ପାତ୍ରଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ଉକ୍ତ ଡମ୍ପର ଡ୍ରାଇଭର ଅତମ ଫେରାର ହୋଇଯାଇଥିଲେ। ପୋଲିସ ଡମ୍ପରକୁ ଜବତ କରିବା ସହ ଏହାର ତଦନ୍ତ କରୁଥିଲା। ପୋଲିସ ଏନେଇ ମାମଲା(ନଂ. ୪୧/୨୦୨୦) ରୁଜୁ କରି ଶୁକ୍ରବାର ଯୋଡା ସହରର ହୁଡିସାହିଠାରେ ରହୁଥିବା ଡମ୍ପର ଡ୍ରାଇଭର ଅତମଙ୍କୁ ତାଙ୍କ ଘରୁ ଗିରଫ କରି କୋର୍ଟଚାଲାଣ କରିଛି।

### ବିଜ୍ଞାନରେ କପି କରି ଧରାପଡ଼ିଲେ ୪୫ ପରୀକ୍ଷାର୍ଥୀ

ବାରିପଦା ଅଫିସ, ୨୮।୨: ଶୁକ୍ରବାର ମାଟ୍ରିକ ପରୀକ୍ଷାର ବିଜ୍ଞାନ ବିଷୟରେ ଜିଲାର ୭ଟି ପରୀକ୍ଷା କେନ୍ଦ୍ରରେ ୪୫ ଜଣ ଛାତ୍ରୀଛାତ୍ର କପି କରୁଥିବା ବେଳେ ଧରା ପଡ଼ିଛନ୍ତି। ପୂର୍ବରୁ ହେଉଥିବା ବିଭିନ୍ନ ବିଷୟରେ ଜିଲାରୁ ୩ରୁ ୪ ଜଣ କପି କରି ଧରା ପଡ଼ିଥିବା ବେଳେ ବିଜ୍ଞାନ ବିଷୟରେ ଶୁକ୍ରବାର ସର୍ବାଧିକ ୪୫ ଜଣ ଛାତ୍ରୀଛାତ୍ର କପି କରି ଧରାପଡ଼ିଛନ୍ତି। ଧରାପଡ଼ିଥିବା ସମସ୍ତ ଛାତ୍ରୀଛାତ୍ର ରେଗୁଲାର ଅଟନ୍ତି। ଖୁଣ୍ଟପାଳ ଶାଲଡିଆ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୫, ରାସଗୋବିନ୍ଦପୁର ସରକାରୀ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୩, ମାଣ୍ଡିଆ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ୪,ବିସି ବିଦ୍ୟାପୀଠ ଶ୍ରୀରାମଚନ୍ଦ୍ରପୁର ପରୀକ୍ଷାକେନ୍ଦ୍ରରେ ୪, ପାଟସିନିପୁର ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ୨, ଯଦୁନାଥ ସୀମନ୍ତ ହାଇସ୍କୁଲ ନୂଆଡ଼ିହି ପରୀକ୍ଷା କେନ୍ଦ୍ରରେ ୩ ଓ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ରଣନ୍ଦିସାହି ପରୀକ୍ଷାକେନ୍ଦ୍ରରେ ୪ ଜଣ ଛାତ୍ରୀଛାତ୍ର ଏମ୍ପି ହୋଇଛନ୍ତି। ପଞ୍ଚମ ଦିନରେ ବିଜ୍ଞାନ ପରୀକ୍ଷା ଦେବା ପାଇଁ ୩୭୦୪୭ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮୦ଟି କେନ୍ଦ୍ରରେ ୩୫୩୧୬ ଜଣ ପରୀକ୍ଷା ଦେଇଥିଲେ।

### ସେମିରେ ରାଇରଙ୍ଗପୁର ମହିଳା, ପୁରୁଷ ଦଳ

ରାଇରଙ୍ଗପୁର,୨୮।୨(ଡି.ଏନ୍.ଏ.): ମହିଳା ଏବଂ ପୁରୁଷ ବିଭାଗ ରାଜ୍ୟସ୍ତରୀୟ ଜନଜାତି ଏସ୍ଡିସି କପ୍-୨୦୨୦ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ଲିଗ୍ ମ୍ୟାଚ୍ ଶେଷ ହୋଇଛି। କନ୍ଧମାଳଠାରେ ଅନୁଷ୍ଠିତ ଶେଷ ଲିଗ୍ମ୍ୟାଚରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହିଳା ଓ ପୁରୁଷ ଉଭୟ କନ୍ଧମାଳ ମହିଳା ଓ ପୁରୁଷ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇରଙ୍ଗପୁର ମହିଳା ଦଳ କନ୍ଧମାଳ ମହିଳା ଦଳକୁ ୭-୦ରେ ଏବଂ ରାଇରଙ୍ଗପୁର ପୁରୁଷ ଦଳ କନ୍ଧମାଳ ପୁରୁଷ ଦଳକୁ ୬-୦ରେ ପରାସ୍ତ କରିଛି। ଏହି ମ୍ୟାଚ୍ରେ ରାଇରଙ୍ଗପୁର ମହିଳା ଏବଂ ପୁରୁଷ ଉଭୟ ଦଳ ବିଜୟୀ ହୋଇ ଏସ୍ଡିସି କପ୍ ସେମିଫାଇନାଲ୍କୁ ଉନ୍ନୀତ ହୋଇଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ଠାକୁରମୁଣ୍ଡା,୨୮।୨(ଡ଼ି.ଏନ୍.ଏ.): ଠାକୁରମୁଣ୍ଡା ମା'ବାସୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟରେ ୧୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ପଲେଇଙ୍କ ସଭାପତିତ୍ୱରେ ଉଦ୍ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ଉପେନ୍ଦ୍ର ପ୍ରସାଦ ମହାନ୍ତି ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖିବା ଦ୍ୱାରା ନିଜର ତଥା ସମାଜର ଉପକାର ସହିତ ଭବିଷ୍ୟତରେ ତାର ସଦ୍ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଅଧାପକ ଜଳଧର ରାଉତ, ମନୋଜ ନାୟକ, ଅଶ୍ୱିନି ବାରିକ, ରମେଶ ଦାସ, ସୁବାଷ ଶତପଥି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିବିରର ସଂଯୋଜିକା ଅଧାପିକା ଜେମାମଣି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷିକା ଚନ୍ଦ୍ରିକା ମହାନ୍ତ ଓ ସବିତା ପାତ୍ରଙ୍କୁ ଏହି ଅବସରରେ ବିଦ୍ୟାଳୟ ତରଫରୁ ପାରିଶ୍ରମିକ ଚେକ ପ୍ରଦାନ ପ୍ରଦାନ କରାଯାଇଥିଲା।

# ବାରିପଦା ଜୋନ୍‌ରେ ୬୫୧୩୮ ପରୀକ୍ଷାର୍ଥୀ

ବାରିପଦା ଅଫିସ, ୨୮।୨



ବାରିପଦା ଶାଖା କାର୍ଯ୍ୟାଳୟ ।

- ୩ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ
- ଜିଲାର ୭୭ ପରୀକ୍ଷା କେନ୍ଦ୍ରରେ ୨୦୧୬୩ ପରୀକ୍ଷାର୍ଥୀ

ଆସନ୍ତା ୩ ତାରିଖରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ। ୩ ତାରିଖରେ ବିଜ୍ଞାନ ବିଭାଗରେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୪ ତାରିଖରେ କଳା, ବାଣିଜ୍ୟ ଓ ୧୬ ତାରିଖରେ ଧନ୍ଦାମୂଳକ ବିଭାଗର ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୦ଟାର ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ବାରିପଦା ଜୋନ୍ ଅଧୀନରେ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲା ରହିଛି। ଏହି ୪ଟିଜିଲାର ୩୦୨ଟି ଯୁକ୍ତ ୨ କଲେଜର ୬୫୧୩୮ ଜଣ ପରୀକ୍ଷାର୍ଥୀ ୨୨୩ଟି କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବାରିପଦା ଶାଖା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ୪ଟି ଜିଲା ପାଇଁ ୩୩ଟି ପରୀକ୍ଷା ହବ୍ ସେଣ୍ଟର ହୋଇଛି। ଏହି ହବ୍ ସେଣ୍ଟରରେ ୨୪ ଘଣ୍ଟିଆ କଡାକଡ଼ି ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ରହିବ। ୪ଟି ଜିଲାରେ କଳା ବିଭାଗରେ ୪୧୫୬୧, ବିଜ୍ଞାନ ବିଭାଗରେ ୧୭୬୨୯, ବାଣିଜ୍ୟ ବିଭାଗରେ ୪୪୭୬ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୧୪୭୨ ଜଣ ପରୀକ୍ଷା ଦେବେ। ମୟୂରଭଞ୍ଜ ଜିଲାରେ ୯ଟି, ଭଦ୍ରକରେ ୫ଟି, ବାଲେଶ୍ୱରରେ ୧୧ଟି ଓ କେନ୍ଦୁଝରରେ ୮ଟି ହବ୍ ସେଣ୍ଟର ହୋଇଛି। ଜିଲାର ୯୬ଟି କଲେଜର ୨୦୧୬୩ ପରୀକ୍ଷାର୍ଥୀ ୭୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥି ମଧ୍ୟରୁ କଳା ବିଭାଗରେ ୧୩୩୧୦, ବିଜ୍ଞାନରେ ୫୩୪୨, ବାଣିଜ୍ୟରେ ୯୫୨ ଓ ଧନ୍ଦାମୂଳକ ଶିକ୍ଷାରେ ୫୫୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଭଦ୍ରକ ଜିଲାର ୪୯ଟି କଲେଜର ୧୨୧୨୬ ଜଣ ପରୀକ୍ଷାର୍ଥୀ ୩୫ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ କଳା ବିଭାଗରେ ୭୭୯୮, ବିଜ୍ଞାନ ବିଭାଗରେ ୨୬୭୬, ବାଣିଜ୍ୟ ବିଭାଗରେ ୧୪୨୪ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୨୨୮ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବାଲେଶ୍ୱର ଜିଲାର ୧୦୨ଟି କଲେଜର ୨୦୭୯୯ଜଣ ପରୀକ୍ଷାର୍ଥୀ ୬୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ କଳା ବିଭାଗରେ ୧୨୫୪୫, ବିଜ୍ଞାନ ବିଭାଗରେ ୬୬୫୭, ବାଣିଜ୍ୟ ବିଭାଗରେ ୧୨୭୧ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୩୨୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। କେନ୍ଦୁଝର ଜିଲାର ୫୫ଟି କଲେଜର ୧୨୦୫୦ ଜଣ ପରୀକ୍ଷାର୍ଥୀ ୪୪ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ କଳାରେ ୭୯୦୮, ବିଜ୍ଞାନରେ ୨୯୫୪, ବାଣିଜ୍ୟରେ ୮୨୯ ଓ ଧନ୍ଦାମୂଳକ ଶିକ୍ଷାରେ ୩୫୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜୋନ୍ ଅନ୍ତର୍ଗତ ସମସ୍ତ ୨୨୩ଟି କେନ୍ଦ୍ରରେ ୨୨୩ ଅଧୀକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ୩୩ଟି ହବ୍ ସେଣ୍ଟରରେ ୩୩ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସକାଳ ୮ଟାରୁ ୮ଟା ୩୦ ମଧ୍ୟରେ ହବ୍ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ଯିବ। ଏହା ପରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ କେହି ମୋବାଇଲ ନେଇ ପାରିବେ ନାହିଁ। ଏପରି କି ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ମଧ୍ୟ ମୋବାଇଲ୍ ନେଇ ପାରିବେ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାରିପଦା ଉପସଚିବ ଜୟଦେବ ପ୍ରମାଣିକ ପ୍ରକାଶ କରିଛନ୍ତି। ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବାରିପଦା ଶାଖା କାର୍ଯ୍ୟାଳୟ ପକ୍ଷରୁ ଫ୍ଲାଇଙ୍ଗ ସ୍କ୍ୱାଡ, ଜିଲା ପ୍ରଶାସନ ପକ୍ଷରୁ ଡିଏଲସି ସ୍କ୍ୱାଡ ଓ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସେଣ୍ଟ୍ରାଲ ସ୍କ୍ୱାଡ ଏହିଭଳି ୩ଟି ସ୍କ୍ୱାଡ ଗଠନ କରାଯାଇଛି।

# ଗୋଟିଏ ରାତିରେ ୪ ଘରୁ ଚୋରି


ପୋଲିସ ତଦନ୍ତ କରୁଛି।

**ସନ୍ଧାନୀ କୁକୁର ଆଣି ତଦନ୍ତ**

ଚମ୍ପୁଆ, ୨୮।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ୪ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଚୋରମାନେ ଗ୍ରିଲ୍ ତାଡ଼ି ଟଙ୍କା ଓ ଗହଣା ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ରାତିରେ ୪ ଘରୁ ଚୋରି ହୋଇଥିବାରୁ ଚମ୍ପୁଆ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ନବୀନ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଘର ଗ୍ରିଲ୍ ଭାଙ୍ଗି ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ସୁନାରୁପା ଗହଣା, ପ୍ରାଣବଲ୍ଲଭ ପାତ୍ରଙ୍କ ମୁଖ୍ୟ ଗେଟ୍ ଓ ଭିତର ଗ୍ରିଲ୍ ଭାଙ୍ଗି ୬ ହଜାର ଟଙ୍କା, ନବଘନ ମହାନ୍ତ ଓ ଦିଲୀପ ମହାନ୍ତଙ୍କ ଘରୁ ଅନୁରୂପ ଟଙ୍କା, ଗହଣା ଚୋରି ହୋଇଛି।

# ୨ରୁ କେନ୍ଦୁଝରରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

କେନ୍ଦୁଝର,୨୮।୨(ଡି.ଏନ୍.ଏ./ସ୍ୱ.ପ୍ର)



ଖବରଦାତା ସମ୍ମିଳନୀରେ ଶଙ୍କର ସ୍ପୋର୍ଟିଂ କ୍ରିକେଟ ଏକାଡେମୀର କର୍ମକର୍ତ୍ତାମାନେ।

ଶଙ୍କର ସ୍ପୋର୍ଟିଂ କ୍ରିକେଟ ଏକାଡେମୀ ପକ୍ଷରୁ ତୃତୀୟ ସର୍ବଭାରତୀୟ ସତ୍ୟପ୍ରଶନ୍ନ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ମାର୍ଚ୍ଚ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଯୋଗ ଦେବେ। କଟକସ୍ଥିତ ବିଶ୍ୱଭାରତୀ, ରାଇଜିଂ ଷ୍ଟୁଡେଣ୍ଟ, ଭୁବନେଶ୍ୱରର ଶ୍ରୀ ଜୟଦେବ ସ୍ପୋର୍ଟସ ଆସୋସିଏଶନ୍, ଝାରସୁଗୁଡାର ପ୍ରୋଗ୍ରେସିଭ୍ ଆସୋସିଏଶନ୍, ଯାଜପୁରର ଅଲେଖ ୱାରିୟର୍ସ, ସମ୍ବଲପୁରର ଆଭା ଟାଇଗର୍ସ, କେନ୍ଦୁଝରର କେନ୍ଦୁଝର ଇଲେଭେନ୍, ରାମଚନ୍ଦ୍ରପୁରର ଏସ୍ଆର୍ସିଟି ଏବଂ ନାଗପୁରର କରିମ୍ କ୍ରିକେଟ ଏକାଡେମୀ, ଛତିଶଗଡର ଛତିଶଗଡ ଫରେଷ୍ଟ, ଝାଡଖଣ୍ଡର ସ୍ପୋର୍ଟିଂ ୟୁନିୟନ ଓ ବନାରସର ଜାହିଦ୍ କ୍ରିକେଟ ଏକାଡେମୀ ପ୍ରଭୃତି ରାଜ୍ୟ ବାହାରର ୪ଟି ଦଳ ଅଂଶଗ୍ରହଣ କରିବେ। ଉଦ୍ଘାଟନୀ ଉତ୍ସବରେ ଏକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଛି ଏବଂ ଉଦ୍ଯାପନୀ ଉତ୍ସବରେ ପ୍ରତିଷ୍ଠିତ ପୂର୍ବତନ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ବିସିସିଆଇ ସ୍ୱୀକୃତିପ୍ରାପ୍ତ ତୃତୀୟ ନିର୍ଣ୍ଣାୟକ, ଓସିଏ ପ୍ୟାନେଲ ନିର୍ଣ୍ଣାୟକ ଓ ଚିୟରଗାର୍ଲ, ଏଲ୍ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଉକ୍ତ ଟୁର୍ନାମେଣ୍ଟର ଫାଇନାଲ ଖେଳ ମାର୍ଚ୍ଚ ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି। ପ୍ରତିଯୋଗିତାର ଚାମ୍ପିୟାନ ଦଳକୁ ୯ଫୁଟ ଉଚ୍ଚତାର ଟ୍ରଫି ସହିତ ୧ଲକ୍ଷ ଟଙ୍କା, ରନର୍ସଅପ୍ ଦଳକୁ ୭ଫୁଟ ଉଚ୍ଚତାର ଟ୍ରଫି ସହିତ ୭୦ହଜାର ଟଙ୍କା, ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ଖେଳାଳିଙ୍କୁ ୩୨ଇଞ୍ଚ ଏଲ୍ଇଡି ଟିଭି, ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ ଖେଳାଳିଙ୍କୁ ୨୨ଇଞ୍ଚ ଏଲ୍ଇଡି ଟିଭି, ପ୍ରତ୍ୟେକ ମ୍ୟାଚ୍ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଖେଳାଳିଙ୍କୁ ୨ହଜାର ଟଙ୍କା ସହ ଟ୍ରଫି, ବେଷ୍ଟ ବ୍ୟାଟସମ୍ୟାନ୍ଙ୍କୁ ୫ହଜାର ଟଙ୍କା ସହ ଟ୍ରଫି, ବେଷ୍ଟ ବୋଲରଙ୍କୁ ୫ହଜାର ଟଙ୍କା ସହ ଟ୍ରଫି, ବେଷ୍ଟ ଫିଲ୍ଡରଙ୍କୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି ଖବରଦାତା ସମ୍ମିଳନୀରେ ଶଙ୍କର ସ୍ପୋର୍ଟିଂ କ୍ରିକେଟ ଏକାଡେମୀର ସଭାପତି ସୌମ୍ୟଶଙ୍କର ଚକ୍ର, କୋଚ୍ ଗିରିଶ ହୋତା, ସଞ୍ଜୀବ ସାହୁଙ୍କ ସମେତ ଚିନ୍ମୟ ସାହୁ, ସମୀର ମିଶ୍ର, ସଞ୍ଜୟ ବିଶ୍ୱାଳ, ଆଶିଷ ଆଚାର୍ଯ୍ୟ, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚିତ୍ରଡା,୨୮।୨(ଡ଼ି.ଏନ୍.ଏ.)

ମୋରଡ଼ା ବ୍ଲକ ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୧୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସମସ୍ତଙ୍କର ପରୀକ୍ଷା ବିଭାଗୀୟ ଡାକ୍ତରମାନେ କରିଥିବା ବେଳେ ୨୧୩ଜଣଙ୍କୁ ବସ୍ ପାସ, ୨୦୦ଜଣଙ୍କୁ ଭତ୍ତା,୧୭ଜଣଙ୍କୁ ଡିଆରଆଇ ଲୋନ, ୨ଜଣଙ୍କୁ ଭୋକେଶନାଲ ଟ୍ରେନିଂ, ୧୦ଜଣଙ୍କୁ ଡିଡିୟୁ ଜିକେୱାଇ, ୧୭୫ଜଣଙ୍କୁ ଭିନ୍ନକ୍ଷମ ଆଇକାର୍ଡ, ୩୧୦ଜଣଙ୍କୁ ସାର୍ଟିଫିକେଟ, ୧୦ଜଣଙ୍କୁ ସର୍ଜରୀ ପାଇଁ ଏବଂ ୯୧ ଜଣଙ୍କୁ ଭିନ୍ନକ୍ଷମ ଉପକରଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିବା ଜଣାପଡିଛି। ବିଡିଓ ପ୍ରିୟବ୍ରତ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିବିଏସଓ ସୁଶୀଲ ଚନ୍ଦ୍ର ସେଠୀ, ଜିପିଓ ସୁଶାନ୍ତ କୁମାର ରାଉଳ,ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଭୋଇ,ଆକାଉଣ୍ଟ ଅଫିସର ବିପିନ ବିହାରୀ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ପରୀକ୍ଷା ପାଇଁ ବିଭିନ୍ନ ବିଭାଗରୁ ଡା. ସତ୍ୟପ୍ରକାଶ ଜେନା, ଡା. ମୋହନ ଚରଣ ମୁର୍ମୁ, ଡା. ବିଶ୍ୱନାଥ ଦାସ, ଡା. ସମରେନ୍ଦ୍ର ମହାପାତ୍ର, ଡା.ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ପରୀକ୍ଷା କରିଥିଲେ। ଏହି ଶିବିରରେ ପ୍ରଶାସନର ଅବହେଳା ଯୋଗୁଁ ବିଶ୍ରାମ ସ୍ଥାନ ଅଭାବରୁ ଭିନ୍ନକ୍ଷମମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା

# କାଠମାଫିଆଙ୍କ ଆକ୍ରମଣରେ ୨ ବନ କର୍ମଚାରୀ ଆହତ

ବାରିପଦା ଅଫିସ, ୨୮।୨

ମୟୂରଭଞ୍ଜ ଜିଲା ବାରିପଦା ରେଞ୍ଜ ଅଧୀନ ମହୁଲିଆଠାରେ କାଠମାଫିଆଙ୍କ ଆକ୍ରମଣରେ ଜଣେ ଫରେଷ୍ଟ ଗାର୍ଡ ଓ ବନ ବିଭାଗର ଅନ୍ୟ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ଆହତ ଫରେଷ୍ଟଗାର୍ଡ ହେଲେ ଛତିଶ ଚନ୍ଦ୍ର ମହାନ୍ତ ଓ ବନ କର୍ମଚାରୀ ଜଣଙ୍କ ହେଲେ ଶତ୍ରୁଘନ ମହାନ୍ତ। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ହାତୀ ଘଉଡ଼ାଇବା ପାଇଁ ବନ କର୍ମଚାରୀମାନେ ମହୁଲିଆ ରେଞ୍ଜକୁ ଯାଇଥିଲେ। ଶୁକ୍ରବାର ଭୋର ସମୟରେ ଫେରୁଥିବା ବେଳେ ମହୁଲିଆ ଛକ ନିକଟରେ ଏକ କାଠ ବୋଝେଇ ପିକଅପ ଭ୍ୟାନ ଦେଖିବାକୁ ପାଇଥିଲେ। ପରେ ଫରେଷ୍ଟ ଗାର୍ଡ ଓ ବନ କର୍ମଚାରୀ ଜଣଙ୍କ ଗାଡ଼ି ନିକଟକୁ ଗଲାବେଳକୁ ଗାଡ଼ିର ଚାଳକ ଓ ହେଲ୍ପର ଗାଡ଼ି ଛାଡ଼ି ଦୌଡି ପଳାଇ ଯାଇଥିଲେ। ଗାଡ଼ିରେ ବିପୁଳ ପରିମାଣର କାଠ ଥିବା ନେଇ ବାରିପଦା ବନ ବିଭାଗ କାର୍ଯ୍ୟାଳୟକୁ ଖବର ଦିଆଯାଇଥିଲା। ଏହାର କିଛି ସମୟ ପରେ କିଛି ବାଇକ୍ରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଆସି ଫରେଷ୍ଟ ଗାର୍ଡ ଛତିଶ ଓ ଶତ୍ରୁଘନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ପରେ କାଠ ବୋଝେଇ ଗାଡିକୁ ନେଇ ପଳାଇ ଯାଇଥିଲେ। ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପିଆରଏମ୍ ମେଡିକାଲ୍ରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ବାରିପଦା ରେଞ୍ଜର ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

# ଜାତୀୟ ବିଜ୍ଞାନ ଦିବସ

କେନ୍ଦୁଝର, ୨୮।୨ (ସ୍ୱ.ପ୍ର./ଡି.ଏନ.ଏ.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରି ବିଜ୍ଞାନ ସାହାଯ୍ୟ ଦ୍ୱାରା ଜୀବନ ସୁଗମମୟ ହେବ ବୋଲି କହିଥିଲେ । ଏହି ଅବସରରେ ପିଲାଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକମାନଙ୍କ ବେଶ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ ଆଚାର୍ଯ୍ୟ ଅମୂଲ୍ୟ କୁମାର ରାଉତ, ମନୋରଞ୍ଜନ ପରିଡା, କୁଳମଣି ମହାନ୍ତ, ସତ୍ୟପ୍ରିୟ ମହାନ୍ତି, ଆଚାର୍ଯ୍ୟା ବିଶ୍ୱବନ୍ଦିତା ଦାସ,ହରିପ୍ରିୟା ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀଗୁରୁମାକାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।


କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅତିଥି।

# ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ପାଟଣା,୨୮।୨(ସ୍ୱ.ପ୍ର.)



ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ।

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପାଟଣା ବ୍ଲକର ପୂର୍ବତନ ଅଧକ୍ଷ ଇଂ.ବିଦ୍ୟାଧର ଦାଶ, ସମ୍ମାନନୀୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ, ଅଧ୍ୟାପକ ଜଗନ୍ନାଥ ମହାନ୍ତ, ରଜତ କୁମାର ଦାଶ, ବୀରେନ୍ଦ୍ର କୁମାର ସାହୁ, ଅଧ୍ୟାପିକା ସୁସ୍ମିତା ଶୋଭାଲିନ ମହାପାତ୍ର ଓ ବୈନାଲୀ କାର୍ଜୀ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କ ଜୀବନରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା ପ୍ରୋଗ୍ରାମ ଅଫିସର ଧର୍ମେନ୍ଦ୍ର କୁମାର ସାହୁ ଶିବିରକୁ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ଭାବେ ଉମାବତୀ ପାତ୍ର ଓ ସୀତାରାମ ନାସରିନ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇ ଥିଲେ। ଏଥିରେ ୭ଟି ଦଳର ୨୧୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟର ପ୍ରଶିକ୍ଷଣ ଆସନ୍ତା ମାର୍ଚ୍ଚ ମାସ ୨ ତାରିଖରେ ଆରମ୍ଭ ହେବ। ଏଥିରେ ୧୫୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେବେ ବୋଲି ପ୍ରୋଗ୍ରାମ ଅଫିସର ସୂଚନା ଦେଇଛନ୍ତି।

# ମଦ ବେପାରୀ ଗିରଫ

ରାଇରଙ୍ଗପୁର,୨୮।୨(ଡି.ଏନ୍.ଏ.)

ଗୋରୁମହିଷାଣୀ ଥାନା ଅଧୀନ ଛତ୍ରମଣ୍ଡଳ ରାସ୍ତାରେ ପାଟ୍ରୋଲିଂ ବେଳେ ପୋଲିସ ମଦବେପାରୀ ଶିବ ମୁଣ୍ଡାଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୦ ଲିଟର ମଦ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୨/୨୦୨୦)ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ବିଶ୍ୱକର୍ମା ସାହିରେ ପାନୀୟଜଳ ସମସ୍ୟା

କୋଳିମାଟି,୨୮।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତ ଅନ୍ତର୍ଗତ ବିଶ୍ୱକର୍ମା ସାହିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ସାହିରେ ବସିଥିବା ଷ୍ଟାଣ୍ଡପୋଷ୍ଟଟି ଦୀର୍ଘ ୨ ବର୍ଷ ହେବ ଅଚଳ ହୋଇପଡ଼ିଛି। ଫଳରେ ଏହି ସାହିକୁ ପାଇପ ପାଣି ଆସୁନାହିଁ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଏଠାରେ ପାନୀୟଜଳ ସମସ୍ୟା ଉତ୍କଟ ହେବାର ଆଶଙ୍କା ଦେଖାଦେଲାଣି। ସାହିରେ ଦୁଇଟି ନଳକୂପ ରହିଥିଲେ ମଧ୍ୟ ଖରାଦିନେ ସେଥିରୁ ପାଣି ବାହାରୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଖରାଦିନେ ପାଣି ପାଇଁ ୨୦ନଂ. ଜାତୀୟ ରାଜପଥ ଦେଇ ୨ କି.ମି. ଦୂରକୁ ପାଣି ଆଣିବାକୁ ଯିବାକୁ ପଡ଼େ ଏବଂ ପାଖରେ ରହିଥିବା ମୂଷଳ ନଦୀରେ ଚୁଆ ଖୋଳି ମହିଳାମାନେ ପାଣି ଆଣୁଥିବା କହିଛନ୍ତି। ଅଚଳ ହୋଇ ପଡ଼ିଥିବା ଷ୍ଟାଣ୍ଡପୋଷ୍ଟକୁ ତୁରନ୍ତ ମରାମତି କରି ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ଦାବି ହେଉଛି। ଏନେଇ ସ୍ଥାନୀୟ ସରପଞ୍ଚ ଉତ୍ତରା ଧୀରଙ୍କୁ ପଚାରିବାରୁ ଅଚଳ ହୋଇ ପଡ଼ିଥିବା ଷ୍ଟାଣ୍ଡପୋଷ୍ଟ ମରାମତି କରାଯିବ ବୋଲି କହିଛନ୍ତି।


ଅଚଳ ହୋଇପଡ଼ିଥିବା ଷ୍ଟାଣ୍ଡପୋଷ୍ଟ।

# କମୁଛି ଉପସ୍ଥାନ, ୨ ବର୍ଷରେ ୨୬ ସ୍କୁଲର ମିଶ୍ରଣ

ବଡ଼ସାହି,୨୮।୨(ସ୍ୱ.ପ୍ର)

ଶିକ୍ଷା ବ୍ୟବସ୍ଥାକୁ ସଜାଡିବା ସହ ଉନ୍ନତମାନର ଶିକ୍ଷାଦାନ ନିମନ୍ତେ ସରକାରୀସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ବଡ଼ସାହି ଶିକ୍ଷା ସର୍କଲ ଅଧୀନରେ ଥିବା ସ୍କୁଲଗୁଡ଼ିକ ମଧ୍ୟରୁ ୨୦ରୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡ଼ିକ ବନ୍ଦ କରାଯାଇ ନିକଟସ୍ଥ ସ୍କୁଲ ସହିତ ଯୋଡ଼ା ଯାଇଛି । ଫଳରେ ବ୍ଲକରେ ଥିବା ୧୬ଟି ସ୍କୁଲ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ ହେବା ସହିତ ଆବଶ୍ୟକ ସ୍ଥଳେ ବନ୍ଦ କରାଯିବା ନେଇ ଜିଲା ଶିକ୍ଷାଧିକାରୀଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ବଡ଼ସାହି ଶିକ୍ଷା ସର୍କଲ ଅଧୀନରେ ଥିବା ୧୮ଟି କ୍ଲଷ୍ଟରରେ ପ୍ରାଥମିକ ଓ ନୋଡାଲ ସ୍କୁଲକୁ ମିଶାଇ ରହିଛି ୨୪୧ଟି ସ୍କୁଲ। ୧୮ହଜାର ୩୩ଜଣ ଛାତ୍ରୀଛାତ୍ର ଅଧୟନ କରୁଥିବା ବେଳେ ୭୪୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ସ୍କୁଲରେ ଥିବା ଛାତ୍ରୀଛାତ୍ରଙ୍କ ଅନୁପାତକୁ ନେଇ ୬୦୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ ଥିବା ବେଳେ ଅବଶିଷ୍ଟ ୧୪୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଧିକ ରହିଛନ୍ତି। ପ୍ରତିବର୍ଷ ସରକାରୀ ସ୍କୁଲରେ ପିଲାମାନଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଗଣଶିକ୍ଷା ବିଭାଗଙ୍କ ଚିଠି ନଂ.୧୦୪୪୨/ମେ, ୨୦୧୮ ଅନୁଯାୟୀ ୨୦ରୁ କମ୍ ଉପସ୍ଥାନ ଥିବା ସ୍କୁଲଗୁଡ଼ିକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ୨୦୧୮-୧୯ ଶିକ୍ଷାବର୍ଷରେ ୧୦ଟି ସ୍କୁଲ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରାଯାଇଛି । ସେହି ନିର୍ଦ୍ଦେଶ ମୁତାବକ ଚଳିତ ବର୍ଷ ୨୦୧୯-୨୦ରେ ହ୍ରାସ ପାଇଥିବା ସ୍କୁଲଗୁଡିକ ମଧ୍ୟରୁ ୧୬ଟି ସ୍କୁଲକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରାଯିବା ନେଇ ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି । ରିପୋର୍ଟ ପ୍ରଦାନ କରାଯିବା ପରେ ଉକ୍ତ ସ୍କୁଲଗୁଡ଼ିକରେ ପାଠପଢୁଥିବା ଛାତ୍ରୀଛାତ୍ରମାନେ ନିକଟସ୍ଥ ସ୍କୁଲକୁ ଯାଇ ପାଠ ପଢିବେ ବୋଲି ଜଣାପଡିଛି । ତେବେ ସରକାରୀସ୍ତରରେ ଏହି ସବୁ ସ୍କୁଲକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆସନ୍ତା ଶିକ୍ଷାବର୍ଷ ଠାରୁ ୨୨୫ଟି ସ୍କୁଲରେ ଶିକ୍ଷାଦାନ ବ୍ୟବସ୍ଥା ରହିବ ବୋଲି ଜଣାପଡଛି। ଫଳାଫଳକୁ ନେଇ ଜଣାପଡିଛି ଚଳିତ ବର୍ଷ୨୦୧୯-୨୦ଶିକ୍ଷା ବର୍ଷରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ଓ ମେରିଟ କମ୍ ପୋଭାଟି ତାଲିକାରେ ପାଇଥିବା ୧୦ଜଣ ଲେଖାଏ ଶିକ୍ଷାର୍ଥୀଙ୍କ ମଧ୍ୟରୁ ବେସରକାରୀ ସ୍କୁଲର ଛାତ୍ରୀଛାତ୍ରମାନେ ବେଶି ସଫଳତା ପାଇଛନ୍ତି। ତେବେ ସରକାରୀ ସ୍କୁଲରେ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ, ପରିମଳ, ପାନୀୟଜଳ, ମାଗଣା ପୋଷାକପତ୍ର, ପୁସ୍ତକ, ମାଗଣା ସାଇକେଲ ବଣ୍ଟନଠାରୁ ଆରମ୍ଭ କରି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଆଦିର ବ୍ୟବସ୍ଥା କରାଯାଉଛି । ଆଦିବାସୀ ଓ ହରିଜନ ପିଲାଙ୍କୁ ଷ୍ଟାଇପେଣ୍ଡ ଓ ହଷ୍ଟେଲରେ ମାଗଣାରେ ରହି ପାଠପଢିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁ ସତ୍ତ୍ୱେ ପାଠ୍ୟକ୍ରମ ସହିତ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ସରକାରୀ ସ୍କୁଲରେ ଉପସ୍ଥାନ ଦିନକୁ ଦିନ କମିବାରେ ଲାଗିଛି । ଏପରି କି ପ୍ରତି ବର୍ଷ ସରକାରୀ ମେଧାବୃତ୍ତି, ପଠାଣିସାମନ୍ତ ଆଦି ପରୀକ୍ଷାରେ ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ବେଶ୍ ସଫଳତା ଲାଭ କରୁଥିବା ଦେଖିବାକୁ ମିଳିଛି । ପରୀକ୍ଷା ଫଳାଫଳକୁ ଆଖି ଆଗରେ ରଖି ଅଭିଭାବକମାନେ ସରକାରୀ ସ୍କୁଲ ପ୍ରତି ବିମୁଖ ହୋଇ ଘରୋଇ ସ୍କୁଲ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଶିକ୍ଷା ବ୍ୟବସ୍ଥାରେ ସୁଧାର ନ ଆସିଲେ ଆଗାମୀ ଦିନରେ ସରକାରୀ ସ୍କୁଲର ଉପସ୍ଥାନ ଶୂନ ହେବ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି।

**ସଂକ୍ଷେପରେ**

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ପାଟଣା,୨୮।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶିଘାଟି ଗ୍ରାମ ପାତାସାହିରେ ଶୁକ୍ରବାର ସକାଳେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ଇନ୍ଦ୍ରମଣି ମୁଣ୍ଡାଙ୍କ ସ୍ତ୍ରୀ ଜେମାମଣି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘର ନିକଟ ବିଲକୁ ସେ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ।

## ଖିଲାପିଙ୍କ ବିଦ୍ୟୁତ୍ ସଂଯୋଗ କାଟିଲା ନେସ୍କୋ

ତେଲକୋଇ,୨୮।୨(ଡି.ଏନ.ଏ.)- ତେଲକୋଇ ବ୍ଲକ ଅଧୀନ ଜଗମୋହନପୁର ବଜାର ଅଞ୍ଚଳରେ ଶୁକ୍ରବାର ନେସ୍କୋ ପକ୍ଷରୁ ବକେୟା ଆଦାୟ କରାଯିବା ସହ ଖିଲାପିଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ନେସ୍କୋ ପକ୍ଷରୁ ବକେୟା ବିଲ୍ ପଇଠ କରି ନ ଥିବା ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସଂଯୋଗରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଗମୋହନପୁର ବଜାର ଅଞ୍ଚଳରେ ୧ ଲକ୍ଷ ୭୫ ହଜାର ଟଙ୍କା ବକେୟା ବିଲ୍ ଆଦାୟ କରାଯାଇଥିବାବେଳେ ୮ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କଟାଯାଇଥିବା ନେସ୍କୋ ପକ୍ଷରୁ ସୂଚନା ମିଳିଛି।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

ତେଲକୋଇ,୨୮।୨(ଡି.ଏନ.ଏ.)- ତେଲକୋଇ ଥାନା ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟ ଛକଠାରେ ଶୁକ୍ରବାର ଅପରାହ୍ଣରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚାଳକଦ୍ୱୟ ଗୁରୁତର ଆହତ ହୋଇଛନ୍ତି। ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗୁରୁତର ଦୁଇ ବାଇକ୍ ଚାଳକ ହେଲେ ଭୀମକାଣ୍ଡ ପଞ୍ଚାୟତ ଡିମିରି ମୁଣ୍ଡା ଗ୍ରାମର ଉତ୍ସବ ବେହେରା ଏବଂ ଛାମୁଣ୍ଡା ପଞ୍ଚାୟତ ସିରିଆବାହାଲ ଗ୍ରାମର ଲାଲମୋହନ ହେମ୍ବ୍ରମ। ଖବର ପାଇ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

କେନ୍ଦୁଝର,୨୮।୨(ସ୍ୱ.ପ୍ର.)- ସ୍ଥାନୀୟ ଧୁପଦା ନିକଟରେ ଏକ ବୋଲେରୋ ଧକ୍କାରେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନାଅନୁଯାୟୀ, ହରିଚନ୍ଦନପୁର ବ୍ଲକ ହରିଚନ୍ଦନପୁର ଗ୍ରାମର ସୁରେଶ ଚନ୍ଦ୍ର ପଲେଇ, ବାବୁରାମ ନାଏକ ଏକ ବାଇକରେ ଶୁକ୍ରବାର ସନ୍ଧ୍ୟାରେ ରିମୁଳିଆଡୁ ଘରକୁ ଫେରୁଥିବାବେଳେ ଧୁପଦା ନିକଟରେ ଏକ ବୋଲେରୋ ଧକ୍କାଦେଇଥିଲା। ବାଇକ ଚାଳକ ସୁରେଶ ଚନ୍ଦ୍ର ପଲେଇଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଏବଂ ବାବୁରାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ଟାଉନ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କପି କରି ଧରାପଡ଼ିଲେ ୧୩ ମାଟ୍ରିକ ପରୀକ୍ଷାର୍ଥୀ

କେନ୍ଦୁଝର/ପାଟଣା, ୨୮।୨(ଡି.ଏନ୍.ଏ./ସ୍ୱ.ପ୍ର): ଚଳିତ ମାଟ୍ରିକ୍ ପରୀକ୍ଷା ପଞ୍ଚମ ଦିନର ବିଜ୍ଞାନ ବିଷୟ ପରୀକ୍ଷାବେଳେ କେନ୍ଦୁଝର ଜିଲାର ୧୩ ଜଣ ପରୀକ୍ଷାର୍ଥୀ କପି କରି ଧରା ପଡ଼ିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ପାଟଣା ବ୍ଲକ ଅଧୀନ ୧୧ଟି ପରୀକ୍ଷା କେନ୍ଦ୍ରରେ ସାଧାରଣ ବିଜ୍ଞାନ ପରୀକ୍ଷା ଚାଲିଥିବା ବେଳେ ଦୁଇଟି ପରୀକ୍ଷା କେନ୍ଦ୍ରରେ କପି କରି ୧୦ ପରୀକ୍ଷାର୍ଥୀ ଧରାପଡ଼ିଥିବା ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପାଟଣା ମୁଖ୍ୟାଳୟ ସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ଓ ମୁରୁସୁଆଁ ସ୍ଥିତ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟରେ ୯ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଡିପିସିଙ୍କ ନେତୃତ୍ୱରେ ଗଠିତ ସ୍କାଡ ହାତରେ ଧରା ପଡ଼ିଥିଲେ। ସେହିପରି ଘସିପୁରା ବ୍ଲକ ଅଞ୍ଚଳରେ ୩ ଜଣ ପରୀକ୍ଷାର୍ଥୀ କପି କରୁଥିବା ସମୟରେ ସ୍କ୍ୱାଡ ହାତରେ ଧରା ପଡିଥିବା ଜଣାପଡିଛି।

# ‘ଜେଲ୍‌ରେ ଲୋକାଲ ଅଧିକାରୀ, କର୍ମଚାରୀଙ୍କ ସ୍ଥାନ ନାହିଁ’

କେନ୍ଦୁଝର,୨୮।୨(ସ୍ୱ.ପ୍ର.)



ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ।

କେନ୍ଦୁଝର ଜିଲା ଜେଲକୁ ଡିଜି(କାରାଗାର) ସନ୍ତୋଷ ଉପାଧ୍ୟାୟ ଶୁକ୍ରବାର ପରିଦର୍ଶନ କରି ପ୍ରୋବେଶନ ଅଫିସ୍‌ର କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଜେଲରେ ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ପଦେକ୍ଷପ ନିଆଯାଉଛି। ଏହାସହ ଜେଲର ସଂସ୍କାର ପାଇଁ ସରକାର ଜେଲ ଏକାଡେମୀ ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଯାହାଦ୍ୱାରା ଜେଲର କର୍ମଚାରୀ କଏଦୀମାନଙ୍କୁ କିଭଳି ବ୍ୟବହାର ଏବଂ ଉପଚାର କରିବେ ସେନେଇ ଜ୍ଞାନ ଆହରଣ ପାଇବେ। ଯାହାଦ୍ୱାରା ଜେଲ ବିଭାଗରେ ସୁଧାର ଆସିବ ବୋଲି ଜେଲ ଡିଜି ଉପାଧ୍ୟାୟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, କେନ୍ଦୁଝର ଜେଲ ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତରଣ ହେବାର ସମ୍ଭାବନା ନାହିଁ। ଏହାସହ ଜେଲରେ ଲୋକାଲ ଅଧିକାରୀ ଓ କର୍ମଚାରୀଙ୍କୁ ନ ରଖିବା ପାଇଁ ପଦକ୍ଷେପ ନିଆଯାଉଛି। ଅନେକ ସମୟରେ ଜେଲ କର୍ମଚାରୀମାନେ ଡ୍ୟୁଟି ପରେ ଗ୍ରାମ ବା ନିଜ ଅଞ୍ଚଳର ଅନ୍ୟାନ୍ୟ ବେନିୟମ କାମରେ ମାତୁଥିବାର ଖବର ଆସୁଛି। ତେଣୁ ଏ ଦିନ ଉପରେ ମଧ୍ୟ ଧ୍ୟାନ ଦିଆଯାଇ ଜେଲରେ ଲୋକାଲ ଲୋକଙ୍କୁ ନ ରଖାଯିବାକୁ ପଦକ୍ଷେପ ନିଆଯାଇଛି। କଏଦୀମାନେ ଜେଲ ଭିତରେ ପରିବାର ଏବଂ ଓକିଲଙ୍କ ସହ କଥା ହେଉଥିବାରୁ

**■ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି**

ଅନେକ ସମୟରେ ଅଧିକ ଅର୍ଥ ଆଦାୟ ନେଇ ଅଭିଯୋଗ ହେଉଥିବାରୁ ଏ ସଂକ୍ରାନ୍ତରେ ସମୟାନୁସାରେ କେତେ ଟଙ୍କା ଦେବାକୁ ହେବ ସେନେଇ ଏକ ଚାର୍ଟ ମାରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଜେଲରେ କଏଦୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ତାଲିମ ଦିଆଯାଉଛି। ସେମାନେ କରୁଥିବା ବିଭିନ୍ନ ଧନ୍ଦାମୂଳକ କାମର ପାରିଶ୍ରମିକକୁ ସେମାନଙ୍କ ପରିବାର ଲୋକଙ୍କୁ ବା ଜେଲରୁ ଗଲା ବେଳେ ସେମାନେ ନେଇ ଯାଇଥାନ୍ତି। ୧୯୧୬ର ଏହି ପୁରୁଣା ଜେଲର କେତେକ ୱାର୍ଡର ବିକାଶ କରାଯିବ। ଜେଲ୍‌ରେ ଏକ ଆମ୍ବୁଲାନ୍ସର ଆବଶ୍ୟକତା ରହିଛି। ଯାହା ଫଳରେ ଜଣେ ଅସୁସ୍ଥ କଏଦୀଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇ ପାରିବ ବୋଲି କହିଥିଲେ। ୱାର୍ଡର ଏବଂ ଅନ୍ୟାନ୍ୟ କର୍ମଚାରୀ ଅଭାବ କେନ୍ଦୁଝର ସମେତ ରାଜ୍ୟର ଅନ୍ୟାନ୍ୟ ଜିଲାରେ ରହିଛି। ନକ୍ସଲାଇଟ ଉପଦ୍ରୁତ ଜିଲାରେ ପ୍ରତ୍ୟେକ ଜେଲରେ ଗୋଟିଏ ଲେଖାଏଁ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା କରାଯାଇଛି। କେନ୍ଦୁଝର ଜିଲାରେ ବ୍ୟବସ୍ଥା ନାହିଁ। ରାଜ୍ୟରେ ଖାଲି ଥିବା ୱାର୍ଡର ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କହିଥିଲେ। ଜେଲ ଏପରି ଏକ ସରକାରୀ ସଂସ୍ଥା ଯେଉଁଠିକୁ ସର୍ବସାଧାରଣ ଲୋକ, ସଂଗଠନ ଦାନ କରିପାରିବେ। ଏଣୁ ବିଭିନ୍ନ ସଂସ୍ଥା, ବ୍ୟକ୍ତି,ସଂଘ ବା ସଂଗଠନ ଜେଲକୁ ବିଭିନ୍ନ ପ୍ରକାରର ସହାୟତା ବା ଦାନ ଅଫିସିଆଲସ୍ତରରେ କରିପାରିଲେ ଜେଲରେ ଥିବା କଏଦୀମାନେ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି। ଜେଲରେ ମାଦକ ଦ୍ରବ୍ୟ ପ୍ରବେଶ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଜେଲରେ ଚଢାଉ ମଧ୍ୟ କରାଯାଇ ଧରପଗଡ କରାଯାଉଛି ବୋଲି ସେ କହିଥିଲେ।

## ନିର୍ଦ୍ଧାରିତ ସମୟରେ ଶେଷ ହେଉ ଆବାସ କାର୍ଯ୍ୟ



ପଞ୍ଚୁପଲୀ ପଞ୍ଚାୟତରେ ବ୍ଲକ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଆନନ୍ଦପୁର,୨୮।୨(ସ୍ୱ.ପ୍ର.)

**ଧାରଣା ଦେଲେ ବ୍ଲକ କର୍ମଚାରୀ**

ସରକାରୀ ଆବାସ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯାଉ ବୋଲି ଦାବି କରି ଆନନ୍ଦପୁର ବ୍ଲକ କର୍ମଚାରୀମାନେ ଶୁକ୍ରବାର ଧାରଣା ଦେଇଥିଲେ। ମୁଖ୍ୟତଃ ପଞ୍ଚୁପଲୀ ପଞ୍ଚାୟତରେ ହିତାଧିକାରୀଙ୍କୁ ୬୧ଟି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ମାତ୍ର ୧୦ ଆବାସ କାର୍ଯ୍ୟ ଶେଷ ହୋଇଥିବା ଜଣାଯାଇଛି। ବାକି ରହିଥିବା ଗୃହ କାର୍ଯ୍ୟ କିପରି ଠିକ୍ ସମୟରେ ଶେଷ ହେବ ସେ ନେଇ କର୍ମଚାରୀମାନେ ଏହି ପଞ୍ଚାୟତରେ ଧାରଣାରେ ବସିଥିଲେ। ଏହି ପଞ୍ଚାୟତରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ୬୦ଜଣ ପ୍ରଥମ କିସ୍ତି, ୨୪ ଜଣ ଦ୍ୱିତୀୟ, ୧୧ ଜଣ ତୃତୀୟ ଓ ୬ ଜଣ ଚତୁର୍ଥ କିସ୍ତି ପାଇଛନ୍ତି। ହେଲେ ୧୦ ଜଣ ହିତାଧିକାରୀ ଗୃହର ଛାତ କାର୍ଯ୍ୟ ଶେଷ କରିବା ସହିତ ସମସ୍ତ କିସ୍ତି ପାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୯-୨୦ ବର୍ଷରେ ଆନନ୍ଦପୁର ବ୍ଲକର ୧୮ ପଞ୍ଚାୟତକୁ ୩୦୭୧ଟି ଗୃହ କାର୍ଯ୍ୟାଦେଶର ଟାର୍ଗେଟ ଦିଆଯାଇଥିଲା। ଶୁକ୍ରବାର ସୁଦ୍ଧା ସମସ୍ତ ପଞ୍ଚାୟତରେ ମୋଟ ୮୫୫ ଆବାସ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି।

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବିଭୂତି ଭୂଷଣ



ନବନିର୍ବାଚିତ ସମିତିସଭ୍ୟଙ୍କୁ ପାଟଣା ବିଡିଓ ଶୁଭେଚ୍ଛା ଜଣାଉଛନ୍ତି।

ପାଟଣା, ୨୮।୨(ସ୍ୱ.ପ୍ର.)

**କଣ୍ଟିଆପଡ଼ା ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ**

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ସମିତିସଭ୍ୟ ଉପ ନିର୍ବାଚନରେ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅନୁଗତ ବିଭୂତି ବିଭୂଷଣ ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୨୦ରେ ଉପ ନିର୍ବାଚନ ହେବା ଲାଗି ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକ ବିଜ୍ଞପ୍ତି ଜାରି କରିଥିଲେ। ଏଥି ସକାଶେ ବିଭୂତି ଭୂଷଣ ନାୟକ ଓ ବିଜୟ କୁମାର ନାଏକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଗୁରୁବାର ବିଜୟ କୁମାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ଫଳରେ ନିର୍ବାଚନ ଅଧିକାରୀ ବିଭୂତି ଭୂଷଣଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ କଣ୍ଟିଆପଡା ପଞ୍ଚାୟରର ସମିତି ସଭ୍ୟ ତଥା ତତ୍କାଳୀନ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ବିଜେଡି ଟିକେଟରେ ପାଟଣା ବିଧାୟକ ଭାବେ ନିର୍ବାଚିତ ହେବା ପରେ ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ସମୟ ହେଲା ସମିତିସଭ୍ୟ ପଦ ଖାଲି ପଡ଼ିଥିଲା। କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ବିଧାୟକ ନାଏକ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଆଶିଷ କୁମାର ଚକ୍ରବର୍ତ୍ତୀ, ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ଜିଲା ବିଜେଡି ଯୁବ ସଭାପତି ସୌମ୍ୟ ଶଙ୍କର ଚକ୍ର, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ଓ ବିଜେଡି ଯୁବ ନେତା ମିତ୍ରଭାନୁ ମହାନ୍ତ ପ୍ରମୁଖ ନବ ନିର୍ବାଚିତ ସମିତି ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଙ୍ଗୋର ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବଉଳା, ୨୮।୨ (ଡି.ଏନ.ଏ.)

ହାଟଡିହୀ ବ୍ଲକ ବାଙ୍ଗୋର ସରକାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନପିଏସ ସଂଘର ସଭାପତି ସୁରେନ୍ଦ୍ର କୁମାର ରାଉତ, କେଶବ ଚନ୍ଦ୍ର କର, ବାଙ୍ଗୋର ସିଆରସିସି ବସନ୍ତ କୁମାର ନାଏକ, ଗୋବିନ୍ଦ ଚନ୍ଦ୍ର ବାରିକ, ନରେନ୍ଦ୍ର ମହାରଣା, ବିଦ୍ୟାଳୟର ଚେୟାରପର୍ସନ ପ୍ରମୋଦ କୁମାର ପଣ୍ଡା, ଶିଶିର କୁମାର ରାଉତରାୟ, ସ୍ମିତା ପଢ଼ିଆରୀ, ମୀନାକ୍ଷୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶଶିଭୂଷଣ ପୁହାଣ ଓ ସତ୍ୟନାରାୟଣ ଜେନାଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ରଙ୍ଗାଧର ମହୁରୀ, ବିଷ୍ଣୁପ୍ରସାଦ ବୋଇତେଇ, ମନୋରମା ଦାସ, ପ୍ରଭାତି ସାହୁ, ବାଣୀଶ୍ରୀ ରାଉତ, ଜଗଦୀଶ ଜେନା, ଖେଳ ଶିକ୍ଷକ ଚିନ୍ମୟ ଖମାରୀ, ଦାୟିତ୍ୱ ତୁଲାଇଥିଲେ। ପ୍ରଧାନଶିକ୍ଷକ ତାଙ୍କ ବକ୍ତବ୍ୟରେ ଡିଏମ୍ଏଫ ପରୀକ୍ଷାରେ ତୃତୀୟରେ ୬ଜଣ, ପଞ୍ଚମରେ ୧୦ଜଣ, ଅଷ୍ଟମରେ ୧୩ଜଣ ବୃତ୍ତିରେ କୃତିତ୍ୱ ହାସଲ କରି ବ୍ଲକରେ ପ୍ରଥମ ସ୍ଥାନରେ ରହିବା ସହ ତୃତୀୟ ଶ୍ରେଣୀର ପ୍ରିୟଙ୍କା ପଢ଼ିଆରୀ ବ୍ଲକରେ ପ୍ରଥମ ହୋଇଥିବା ଅବଗତ କରାଇଥିଲେ ।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

କେନ୍ଦୁଝର, ୨୮।୨(ଡି.ଏନ୍.ଏ./ ସ୍ୱ.ପ୍ର.)



ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପୂର୍ବତଟ ରେଳବାଇର ଡିଆର୍‌ଏମ୍‌ଙ୍କ କେନ୍ଦୁଝର ଗସ୍ତ ଅବସରରେ ଶୁକ୍ରବାର କେନ୍ଦୁଝର ଯୁବ ପରିଷଦ ତରଫରୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁବ ପରିଷଦ କରିଥିବା ଦାବି ଗୁଡିକ ମଧ୍ୟରେ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ଟ୍ରେନ୍‌କୁ କେନ୍ଦୁଝର ଦେଇ ଚଳାଚଳ କରିବା, ବିଶାଖାପାଟଣାରୁ ଟାଟାନଗର ସାପ୍ତାହିକୀ ଟ୍ରେନକୁ ବର୍ତ୍ତମାନ ସପ୍ତାହରେ ଦିନକୁ ଚାଲୁଥିବାବେଳେ ପ୍ରତ୍ୟେକ ଦିନ ଚଳାଚଳ କରିବା, ବଡବିଲରୁ ହାୱଡା ଚଳାଚଳ କରୁଥିବା ଶତାବ୍ଦୀ ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ରାଉରକେଲାଠାରୁ ଭଦ୍ରକ ଭାୟା କେନ୍ଦୁଝର ଏବଂ ପାରାଦୀପଠାରୁ କେନ୍ଦୁଝର ପର୍ଯ୍ୟନ୍ତ ଦୈନିକ ପାସେଞ୍ଜର ଟ୍ରେନ ଚଳାଚଳ କରିବା,ଟାଟା-ବଡବିଲ ପାସେଞ୍ଜର ଟ୍ରେନକୁ ବଲାଣି ପର୍ଯ୍ୟନ୍ତ ସଂପ୍ରସାରଣ କରିବା, ଖଡଗପୁରଠାରୁ ଜେକେ ରୋଡ ପର୍ଯ୍ୟନ୍ତ ଚାଲୁଥିବା ମେମୁ ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଯଖପୁରା-ବାଂଶପାଣି ଦୋହରୀକରଣ ରେଳ ଲାଇନ୍‌କୁ ତୁରନ୍ତ ସମ୍ପୂର୍ଣ୍ଣ କରିବା, କେନ୍ଦୁଝର, ନରଣପୁର ଏବଂ ଅନ୍ୟାନ୍ୟ ଷ୍ଟେଶନଗୁଡିକୁ ଉନ୍ନତିକରଣ କରିବା ଆଦି ଦାବି ରଖାଯାଇଛି। ଆସନ୍ତା ମାର୍ଚ୍ଚ ୧୪ ତାରିଖ ସୁଦ୍ଧା ଏହି ଦାବି ଗୁଡିକ ପୂରଣ ନହେଲେ ମାର୍ଚ୍ଚ ୧୫ରୁ କେନ୍ଦୁଝର ଯୁବ ପରିଷଦ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ହରତାଳ କରିବ ବୋଲି ଏହି ଅବସରରେ ପୂର୍ବତଟ ରେଳବାଇର ଡିଆର୍‌ଏମ୍ ଶଶୀକାନ୍ତ ସିଂହଙ୍କୁ ଲିଖିତ ଜଣାଇ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ କେନ୍ଦୁଝର ଯୁବ ପରିଷଦର ସଭାପତି ବରଦାପ୍ରସନ୍ନ ଦାସ, ରାଧାକାନ୍ତ ନାୟକ,ଉତ୍ତମ କୁମାର ମାଝୀ, ସ୍ୱରୂପ ଦାସ, ସୁକୁମାର ସାହୁ,ଲଳିତ କୁମାର ମହାନ୍ତ, ନରେନ୍ଦ୍ର ମହାନ୍ତି,ମଙ୍ଗଳ କୁମାର ଜେନା,ସଞ୍ଜୟ କୁମାର ଜେନା,ସଞ୍ଜୟ ନାୟକ,ଦୂର୍ଯ୍ୟୋଧନ ମୁଦୁଲି, ଆଲୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ



ବିଜ୍ଞାନ ଦିବସ ପାଳନ ଅବସରରେ ଶିକ୍ଷକଙ୍କ ସହ କୃତୀ ଛାତ୍ରୀ।

ଯୋଡ଼ା, ୨୮।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର କୁନ୍ଦୁରୁନାଲାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ପୂର୍ବାହ୍ନରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରଶ୍ନ ମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତ ବିଜ୍ଞାନ ଦିବସର ମହତ୍ତ୍ୱ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରାଜେଶ୍ୱରୀ ପ୍ରଧାନ, ସଂଯୁକ୍ତା ମହାନ୍ତ, କଲ୍ୟାଣୀ ପ୍ରଧାନ, ଶିକ୍ଷକ ଜିତେନ୍ଦ୍ର କୁମାର ଲେଙ୍କା, ଅନନ୍ତ ମିଶ୍ର, ବୈରାଗୀ ମହାନ୍ତ, ଅମୂଲ୍ୟ କୁମାର ସ୍ୱାଇଁ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜାତୀୟ ବିଜ୍ଞାନ ଦିବସ

କୋଳିମାଟି, ୨୮।୨ (ଡି.ଏନ.ଏ)

ଆନନ୍ଦପୁର ବ୍ଲକ ଅଧୀନରେ ଥିବା ଧକୋଠା ଯୁବକ ସଂଘ, ଗ୍ରୀନୋଭେସନ ଇଣ୍ଡିଆ ଓ ଜନକଲ୍ୟାଣ ବାଳିକା ବିଦ୍ୟାପୀଠ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଧକୋଠା ଯୁବକ ସଂଘର ସଭାପତି ପଦ୍ମଲୋଚନ ସାହୁ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଶତ୍ରୁଘ୍ନ ସାହୁ ମୁଖ୍ୟଅତିଥି ଏବଂ ଜନକଲ୍ୟାଣ ବିଦ୍ୟାପୀଠର କର୍ମକର୍ତ୍ତା ରମେଶ ଚନ୍ଦ୍ର ସାହୁ, ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଖବରଦାତା ସଞ୍ଜିତ କୁମାର ମହାରଣା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରଶ୍ନୋତ୍ତରରେ ଅଂଶଗ୍ରହଣ କରିଥିଲେ। ଗ୍ରୀନୋଭେଶନ ଇଣ୍ଡିଆର ନିର୍ଦ୍ଦେଶକ ତୋଷିବ ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାପୀଠର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

କେନ୍ଦୁଝର, ୨୮।୨(ଡି.ଏନ୍.ଏ./ସ୍ୱ.ପ୍ର.)

ଦେଶରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବା ଓ ଦିଲ୍ଲୀ ଦଙ୍ଗାର ମୁଖ୍ୟ ନାୟକ ଭାବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଦୋଷାରୋପ କରି କେନ୍ଦୁଝର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏଥିସହ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ତାଙ୍କ ଇସ୍ତଫା ଦାବି କରାଯାଇଛି। ଏହି ଅବସରରେ ସ୍ଥାନୀୟ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖକୁ ଆସିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯିବା ସହ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ମୋହନ ଚରଣ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହ,ଟାଉନ କଂଗ୍ରେସ ସଭାପତି ବସନ୍ତ କୁମାର ଦାସ,ଜିଲା ଛାତ୍ର କଂଗ୍ରେସ ସଭାପତି ସୁନେଶ ଧୀର, ଯୁବନେତା ଐତିହ୍ୟ ଦିବ୍ୟ ସିଂ, କଂଗ୍ରେସ ନେତା ଉତ୍ତମ ସାହୁ, ଆର୍ତ୍ତତ୍ରାଣ ଦାସ, ରମାକାନ୍ତ ପାତ୍ର, ଲଳିତ ମୋହନ ନାୟକ, ରତ୍ନାକର ଜେନା, ସୁଦର୍ଶନ ଲୋହାର, ବୀରବର ମହାନ୍ତ, ଶୁଭମ କୁମାର ରାଜ, ଶତ୍ରୁଘ୍ନ ସିଂହ ଓ ଶରତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ସଂଯୋଗ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଜନ ପ୍ରତିନିଧି

କେନ୍ଦୁଝର, ୨୮।୨ (ସ୍ୱ.ପ୍ର.)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଜନ ପ୍ରତିନିଧି ଓ ଗ୍ରାମବାସୀ।

ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ବସନ୍ତପୁର ଠାରେ ଏକ କମ୍ପାନୀ ବେସରକାରୀ ଜମିରେ ଜୋରଜବରଦସ୍ତ ଖୁଣ୍ଟ ପକାଇଥିବା ଓ ସଂରକ୍ଷିତ ଜଙ୍ଗଲ ଉପରେ ୩୩କେଭି ଲାଇନ ନେଇଥିବାରୁ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ କ୍ଷତିଗ୍ରସ୍ତ ଲୋକମାନେ ଶୁକ୍ରବାର କେନ୍ଦୁଝର ଜିଲାପାଳ, ଏସପି, ଡିଏଫଓ, ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀ ତଥା ଉପ ବିଦ୍ୟୁତ୍ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ନଈବୁଗା ସଂରକ୍ଷିତ ଜଙ୍ଗଲରେ ୩୩ କେଭି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଟଣା ହୋଇଥିବା ନେଇ ସ୍ଥାନୀୟ ଲୋକମାନେ କେନ୍ଦୁଝର ଡିଏଫଓଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଡିଏଫଓ ସନ୍ତୋଷ କୁମାର ଯୋଶୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବନ ବିଭାଗ ପକ୍ଷରୁ କମ୍ପାନୀ ଏବଂ ନେସ୍କୋକୁ ଚିଠି କରି ନିଜର ପକ୍ଷ ରଖିବାକୁ କୁହାଯାଇଥିଲା। ଏନେଇ ପଦକ୍ଷେପ ଗ୍ରହଣ କରିବାରେ ବିଳମ୍ବ ହେଉଥିବା ବେଳେ ଏବେ ପୋଲିସ ସହାୟତାରେ ବାମେବାରୀ ସ୍କୁଲ ଖେଳ ପଡ଼ିଆ ଏବଂ ଅନ୍ୟ ବେସରକାରୀ ଜମିରେ ତାର ଟଣା ଯାଉଥିବାରୁ ଲୋକ ପ୍ରତିନିଧିମାନେ ଶୁକ୍ରବାର ଅଭିଯୋଗ କରିଛନ୍ତି। ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଉପରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ସଂଯୋଗ ନେଇ ଥିବାରୁ ଜଙ୍ଗଲ ଜୀବଜନ୍ତୁଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ଜୁରୁଡି ଗ୍ରୀଡରୁ ବିଦ୍ୟୁତ ସଂଯୋଗ ଦେବା ପୂର୍ବରୁ ଡିଆରପି ହୋଇଛି କି ନାହିଁ ତାହା ଯାଞ୍ଚ ନ ହୋଇ କିପରି ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି ସେ ନେଇ ଅଭିଯୋଗ କରିଛନ୍ତି । ଫରେଷ୍ଟ କଞ୍ଜରଭେସନ ଆକ୍ଟ ଉଲ୍ଲଘଂନ ହୋଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରାଯାଉଥିବା ସେମାନେ କହିଛନ୍ତି । ଶୁକ୍ରବାର ଜଜାଙ୍ଗ ସରପଞ୍ଚ ରତ୍ନମଣୀ ନାୟକ, ସମିତି ସଭ୍ୟ ପ୍ରଦୀପ କୁମାର ବେହେରା, ଜଲହରି ସରପଞ୍ଚ ମିତା ମୁଣ୍ଡା, ସମିତି ସଭ୍ୟ ସାବିତ୍ରୀ ମୁଣ୍ଡା, ଜୁରୁଡି ସରପଞ୍ଚ ସୁଜାତା ହେମ୍ବ୍ରମ, ଜୁରୁଡି ସମିତି ସଭ୍ୟ ଇନ୍ଦିରା ପାତ୍ର, ବସନ୍ତପୁର ସରପଞ୍ଚ ଲିପାରଣୀ ନାୟକ, ସମିତି ସଭ୍ୟ ସାବିତ୍ରୀ ମାଝୀଙ୍କ ସମେତ କ୍ଷତିଗ୍ରସ୍ତ ତ୍ରିଲୋଚନ ପରମାଣିକ,କୃଷି ମୁଣ୍ଡା,ବାଙ୍କୁ ପରମାଣିକ, ଲକ୍ଷ୍ମୀଧର ପରମାଣିକ ପ୍ରମୁଖ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।